ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

୨୦୧୯

ସୃଜନୀ ପରିବାର,ଚେନ୍ନାଇ



ଅଣୁ ଗଳ୍ପ ବିଶେଷାଙ୍କ : "କଥା ତ ଏତିକି"

visit : www.hirranmayi.com

ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ହିରଣ୍ମୟୀ - ଅଣୁ ଗଳ୍ପ - ବିଶେଷାଙ୍କ - " କଥା ତ ଏତିକି " - ଏହି ବିଶେଷାଙ୍କକୁ ନିଜ ସୃଜନ ସୃଷ୍ଟିରେ ଅଳଙ୍କୃତ କରିଛନ୍ତି :

ଚେତା
ଶକ୍ତିପ୍ରଭା ମିଶ୍ର

ଅନୁଭୂତି
ପ୍ରତିଭା ପରିଜା

କଥାକାର ଲଳିତ ମୋହନ ମିଶ୍ରଙ୍କ ଦୁଇଟି ଅଣୁ ଗଳ୍ପ :
ଛଚିନ୍ଦ୍ରା / ଜେଜେଙ୍କ ଚଷମା

ଭୋକିଲା ପେଟ
ଜୟଶ୍ରୀ ପଟ୍ଟନାୟକ

ମୋ ରାଣୀ ମା'
ଅମ୍ବିକା ସ୍ୱାଇଁ

ଠକିଏ ଗୁଆଘିଅ
ସାବିତ୍ରୀ ପୁରୋହିତ

ଭାଗଶେଷ
ସୁଦ୍ରମା ପଣ୍ଡା

ସ୍ୱୀକାରୋକ୍ତି
ପ୍ରଭାସିନୀ ହୋତା

ପଡୋଶୀ
ସସ୍ମିତା ମହାନ୍ତି

ନଟି ଗାର୍ଲ
ଡକ୍ଟର ସଚ୍ଚିଦାନନ୍ଦ କର

ପ୍ରଜ୍ଞାନ
ସୁଧିରାଜ ରାଉତ

ଅନୁତାପର ଅଶ୍ରୁ
ତାପ୍ତିମୟୀ ପଣ୍ଡାମିଶ୍ର

ଉପସଂହାର
ତ୍ରିଲୋଚନ ପଣ୍ଡା

ହଜି ଯାଇଥିବା ଝିଅ
ଲତିକା ବିଳାସ

ବର୍ଷାରେ ମନେପଡେ
ମନୋରମା ମିଶ୍ର

ଅଧାଲେଖା କାହାଣୀ
ସୁଧାଂଶୁ ଶେଖର ଦ୍ୱିବେଦୀ

ନିଃଶବ୍ଦ ଅନୁତାପ
ସୁଷମା ପରିଜା

ବୁଝାମଣା
ଅରୁଣ କୁମାର ମହାନ୍ତି

ସମ୍ପର୍କର ଇତିହାସ
ସୁଦର୍ଶନ ମହାପାତ୍ର

ଅପରାଧୀ
ଡକ୍ଟର କୃତ୍ତିବାସ ନାୟକ

ବୃଦ୍ଧା ଆଶ୍ରମରେ ମାଆ
ପ୍ରଶାନ୍ତ କୁମାର ନାଥ

ଅନୁତାପର ଅଶ୍ରୁ
ସୁପ୍ରଭା ସାମଲ

ବିନା ଠିକଣାର ଚିଠି
ସୁବାଷ ଚନ୍ଦ୍ର ପଣ୍ଡା

ଶେଷ ଉପହାର
ରମେଶ ଚନ୍ଦ୍ର ପସାଏତ୍

ଉପାଧିର ମୋହ
ଦିଗରାଜ ବ୍ରହ୍ମା

ଜୀବନ ସଂଗ୍ରାମକୁ ନେଇ ଶ୍ରୀମତୀ ରାଜଲକ୍ଷ୍ମୀ ତ୍ରିପାଠୀ ଦ୍ୱାରା ଲିଖିତ ଦୁଇଟି ଅଣୁ ଗଳ୍ପ :
ଦାଦନ/ଜୀବନ

ସତ ଜଗନ୍ନାଥ
ହେମାଙ୍ଗିନୀ ଦାଶ

ଅବ୍ୟକ୍ତ ବେଦନା
ମୁରାରୀ ପ୍ରସାଦ୍ ପଶାଏତ୍

ଅନୁତାପର ଅଶ୍ରୁ
ପ୍ରଭାତ କୁମାର ନାୟକ

ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରିଣ୍ଟୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଚେତା

ଶକ୍ତିପ୍ରଭା ମିଶ୍ର

ମୁଁ ସବୁ ବର୍ଷ ସାବିତ୍ରୀ ପୂଜା କରେ । ଆଜିଯାଏଁ ମୋର ମନେପଡୁନି କେବେ ମୁଁ ମୋ ସ୍ୱାମୀଙ୍କୁ ପୂଜାପାଇଁ ମୋର ଶାଢ଼ୀ ଦରକାର କହିଛି । ସେ ବି ଏକଥା ମନେପକେଇ ସାବିତ୍ରୀ ପାଇଁ ଆଗୁଆ ଶାଢ଼ୀ କିଣିନାହାନ୍ତି । ମୁଁ ଅଭିମାନ କରେ କିନ୍ତୁ ମୁହଁଖୋଲି ମନକଥା କୁହେନା ।

ନୂଆ ନୂଆ ବାହାଘରର କିଛିବର୍ଷ ବାପଘରୁ ଶାଢ଼ୀ ପହଚିଁଯାଉଥିଲା । ପରେ କିନ୍ତୁ ଟଙ୍କା ଆସିଲା । ମନିଅଡର୍ ରେ ଟଙ୍କା ପହଁଚିଲା ବେଳକୁ ସାବିତ୍ରୀ ପୂଜା ଯାଇସାରିଥାଏ । ହଁ, ସବୁ ବର୍ଷ କିନ୍ତୁ ମୋ ସ୍ୱାମୀଙ୍କର ସାବିତ୍ରୀ ଚେତା ପଶେ ଯେତେବେଳେ ପୂର୍ବଦିନ ଅଫିସରେ ସ୍ୱାମୀମାନଙ୍କ ଭିତରେ ସାବିତ୍ରୀ ପାଇଁ ଫଳ କିଣାର ତତ୍ପରତା ବଢ଼ିଯାଏ । ଘରକୁ ଫେରିବାବେଳେ ତାଙ୍କ ହାତରେ ଥାଏ ଆମ୍ବ କଦଳୀ ଆଉ କିଛି ଫଳ । ମୋ ପାଖକୁ ଲାଗିଆସି ସେ କୁହନ୍ତି , ମୁଁ ଜଲ୍-ଦି ଆସିଛି ଆଜି, ବାହାରିଯାଅ ତୁମପାଇଁ ଶାଢ଼ୀ କିଣିଆଣିବା । ମୋ ଭିତରେ ଯେଉଁ ଅଭିମାନ କୁହୁଳୁଥାଏ ଏ କଥା ଶୁଣିବା କ୍ଷଣି ତାହା ଶାନ୍ତ ପଡ଼ିଯାଏ । ମୁଁ ସତ କହୁଛି ଛୋଟ ଛୁଆ ହୋମ୍ ୱାର୍କ ନକରି ମା ଚାରିପାଖରେ ଘୁରିବା ବେଳେ ତା ମୁହଁ ଯେମିତି ହୋଇଥାଏ ସେ ସମୟରେ ମୋ ସ୍ୱାମୀଙ୍କର ମୁହଁ ମୋତେ ଠିକ୍ ସେମିତି ଲାଗେ । ତାଙ୍କର ଏ ପ୍ରଶ୍ନ ସେତେବେଳେ ମୋ ଭିତରର ବାରୁଦ ଗଦାରେ ନିଆଁ ଧରାଇବା ପାଇଁ ଯଥେଷ୍ଟ ଖୋରାକି ଯୋଗାଇଥାନ୍ତା । କିନ୍ତୁ ମୁଁ ନ ରାଗି କେବଳ ଅଭିମାନ ଛଳରେ ଏତିକି କୁହେ ,ସାବିତ୍ରୀ ପୂଜାରେ କଣ ନୂଆ ପିନ୍ଧିବା ବାଧ୍ୟ ? ଯାହାର ସ୍ୱାମୀ ନୂଆ ଶାଢ଼ୀ କିଣିବାକୁ ସକ୍ଷମ ହେବନି ତା ସ୍ତ୍ରୀ କଣ ଏ ପୂଜା ବନ୍ଦ କରିଦେବ ? ତୁମେ କଣ ଏ ପୂଜା କରିବାକୁ ମୋତେ ବାଧ୍ୟ କରିଛ ? ମୋ ଖୁସିପାଇଁ ମୁଁ କରୁଛି । ତେଣୁ ପୂଜାର ସବୁ ବ୍ୟବସ୍ଥା ବି ମୁଁ କରିନେଇଛି । ତୁମ ସହିତ ଯାଇ ଶାଢ଼ୀ କିଣିଆଣିଲେ ବି ସେ ଶାଢ଼ୀକୁ ତ ମୁଁ ଏବେ ପିନ୍ଧିପାରିବିନି । କାରଣ ଶାଢ଼ୀର ବ୍ଲାଉଜ୍ ଶାୟା ଫଲ୍ ଫିଟିଂ କାମ ସାରିବାକୁ ମୋ ପାଖରେ ଆଉ ସମୟ ନାହିଁ ।

ସେ ଟିକେ ହାଲ୍-କା ହୋଇଯାନ୍ତି । ପରଦିନ ମୁଁ ଆଗରୁ ରଖିଥିବା ଶାଢ଼ୀ ପିନ୍ଧି ପୂଜାକରେ । ସ୍ୱାମୀଙ୍କ ଦୀର୍ଘଜୀବନ ପାଇଁ ଠାକୁରଙ୍କୁ ଗୁହାରୀ କରେ, ସ୍ୱାମୀଙ୍କୁ ମୁଣ୍ଡିଆ ମାରେ ,ଫଳାହାର କରି ବ୍ରତ ପାଳନ କରେ ଆଉ ସ୍ୱାମୀଙ୍କୁ କହିଥାଏ ,ସବୁବେଳେ ତୁମେ କୁହ ଯାହା ନୂଆ ଜିନିଷଟେ ପାଇଲେ ତାକୁ ବ୍ୟବହାର ନ କରି ଆଲମିରାରେ ମାଡ଼ିଦେଉଛ କାହିଁକି ? ଏବେ ପାଇଲ ତା ଉତ୍ତର ? ଦରକାର ବେଳେ କାମରେ ଆସିବ ବୋଲି ।

ପ୍ରତିଥର ପୂଜା ସରିବାପରେ ମୁଁ ଭାବେ ଏଥର ଯାହା ନୂଆ ଶାଢ଼ୀ ମିଳିବ ତାକୁ ଆଗରୁ ପିନ୍ଧିଦେବି । ସାଇତି ରଖିଲାରୁ ସିନା ମୁଁ ଅଭିମାନ କରି ବସିଯାଉଛି । ଆସନ୍ତା ଥରକୁ ଏମିତି ଭୁଲ୍ ଆଉ କରିବିନି । ହେଲେ ମୋ ସାଇତିବା ଗୁଣ ମୁଁ ଛାଡ଼ିପାରେନା କି ସେ ତାଙ୍କ ଭୁଲିବା ଗୁଣ । ଆମର ସବୁବର୍ଷ ସାବିତ୍ରୀ ବ୍ରତ ଏମିତି କଟେ ।

ଏ ବର୍ଷ କିଛି ନୂଆକଥା ଘଟିଛି ବୋଲି ଭାବୁଛନ୍ତି କି ? ନା.....ମ । ସେଇ କଥାର ପୁନରାବୃତ୍ତି କିନ୍ତୁ ନୂଆ ଢଙ୍ଗରେ । ଏବର୍ଷ ସବୁଥର ପରି ପୂର୍ବଦିନ ଘରକୁ ଫଳଆଣି ସେ କହିଲେ ତୁମ ଆକାଉଣ୍ଟରେ ମୁଁ ୧୦୦୦୦ଟଙ୍କା ରଖିଦେଇଛି । ମୁଁ ପଚାରିଲି କଣ ପାଇଁ ? ସେ କହିଲେ ମୁଁ କଣ କରିବି ଯେ ! ସବୁବର୍ଷ ତ ଭୁଲିଯାଉଛି । ଏ ଟଙ୍କାରେ ତୁମେ ଆସନ୍ତା ସାବିତ୍ରୀ ପାଇଁ ଏବେଠୁ ଶାଢ଼ୀ କିଣି ତାକୁ ପିନ୍ଧିବା ଉପଯୋଗୀ କରି ଆଲମାରିରେ ରଖିଦିଅ ।

sidhvick@gmail.com

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ସୃଜନୀ ପରିବାର,ଚେନ୍ନାଇ
ହରଣ୍ଟୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଜୀବନ ସାରା ଏମିତି ଦିବ୍ୟ ଅନୁଭୂତି ଅନେକ ବାର ଘଟିଛି । କେବଳ ଦୁଇଟି ଏଠି ବାଣ୍ଟୁଛି ।

ପ୍ରତିଭା ପରିଜା

(୧)

ବୋଧ ହୁଏ ୧୯୬୭/୬୮ ମସିହା କଥା ।କେଉଁଠୁ କେଜାଣି ଶ୍ରୀ ମାଆ ଶ୍ରୀ ଅରବିନ୍ଦଙ୍କ ବିଷୟ ରେ ଦିବ୍ୟ କାହାଣୀ ସବୁ ଶୁଣି ଶୁଣି ମନ ଭିତରେ ଏକ ପ୍ରକାର ସ୍ୱତନ୍ତ୍ର ସ୍ଥାନ ତିଆରି କରି ସାରିଥାଏ । ନବଜ୍ୟୋତି ପତ୍ରିକା ଟି ପଣ୍ଡିଚେରୀ ରୁ ନିୟମିତ ମଗାଇ ପଢୁଥାଏ । ମୋର ଏକାଦଶ ଶ୍ରେଣୀ ହୋଇଥାଏ...ଚାଲିଥାଏ ଏମିତି । ଯେତେ ବେଳେ ଏକାଦଶ ଶ୍ରେଣୀ ପାସ କଲି ଆଗକୁ ପଢ଼ିବାର ଇଚ୍ଛା ପ୍ରବଳ ରୁ ପ୍ରବଳ ତର ହେଉଥାଏ ମାତ୍ର ଘରେ ଏକ ପ୍ରକାର ନକାରାତ୍ମକ ସିଦ୍ଧାନ୍ତ ନେଉଥାନ୍ତି । ମୁଁ ଫେରାଦ ହେଲି ଶ୍ରୀମା ଙ୍କ ପାଖରେ । ଯେମିତି ମାଆ ମାନଙ୍କ ପାଖରେ ପିଲା ମାନେ ଅଭିଯୋଗ କରନ୍ତି । ସେତେବେଳକୁ ମୁଁ ନିୟମିତ ଶ୍ରୀ ମାଆ ଙ୍କ ପାଖକୁ ପ୍ରତି ମାସ ରେ ଚିଠି ଲେଖୁଥାଏ , ବହି ପତ୍ର ମଗାଉଥାଏ ଓ ସେଠାରୁ ମଧ୍ୟ ଉତ୍ତର ପାଉଥାଏ । ଛୋଟ ଜରି ପାକେଟ ରେ ଫୁଲ ପାଖୁଡା ସମ୍ବଳିତ ଆଶୀର୍ବାଦ ବି ପାଉଥାଏ । ମାଆଙ୍କ ପାଖକୁ ଅଭିଯୋଗ ଚିଠି ଲେଖିଥାଏ ଏଣେ ବିଭିନ୍ନ କଲେଜ କୁ ଦରଖାସ୍ତ ବି ପକାଇଥାଏ । ଶେଷକୁ ଘରେ କହିଲେ ଠିକ ଅଛି ଯଦି ସପ୍ତାହ କ ଭିତରେ ତୋ ଶ୍ରୀ ମାଆ ଙ୍କ ପାଖ ରୁ ଆଶୀର୍ବାଦ ଆସେ ତାହେଲେ ପଢିବୁ ନ ହେଲେ ନାହିଁ । କଲେଜ ମାନଙ୍କ ରେ ନାମ ଲେଖାଇବାର ତାରିଖ ବି ସରି ଆସୁଥାଏ । ସପ୍ତାହ ସରିଗଲା...କିଛି କୁଆଡୁ ବି ଆସିଲାନି । ଦାଣ୍ଡରେ ଦିନ ସାରା ପୋଷ୍ଟ ମ୍ୟାନ କୁ ଅନେଇ ବସିଥାଏ । ପ୍ରାୟ ୪ ଟା ବେଳକୁ ସାଇକେଲ ଘଣ୍ଟି ଶୁଣି ଆଖି ପାଇବା ଯାଏ ଚାହିଁ ଥାଏ ।
ହଁ , ପୋଷ୍ଟ ମ୍ୟାନ ହିଁ ଥିଲା, ହାତ ରେ ଦୁଇଟି ଲଫାପା ଥିଲା ଆଉ ତାହା ଥିଲା ମୋର ଈପ୍ସିତ ମାଆ ଙ୍କ ଆଶୀର୍ବାଦ ଆର ଟି ଶୈଳବାଳା ମହିଳା କଲେଜ ରୁ ନାମ ଲେଖାଇବା ପାଇଁ ଡାକରା .....ଇଣ୍ଟିମେସନ ଲେଟର ।

---

(୨)

କଲେଜ ପଢା ଶେଷ ପରେ ଆର୍ଥିକ ଦୁରବସ୍ଥା ପାଇଁ ଚାକିରୀ ଅନ୍ୱେଷଣ ରେ ଥାଏ । ଅନେକ ମନ କୁ ନ ପାଉଥିବା ଚାକିରୀ କରି ଛାଡି ଦେଉଥାଏ । ସରକାରୀ ଚାକିରୀ ପାଇଁ ଗୋଟିଏ ସାକ୍ଷାତ୍କାର ବି ଦେଇଥାଏ , ଯାହା ସହଜେ ମିଳି ବାର ସମ୍ଭାବନା ନ ଥାଏ । ସେମିତି ଗୋଟିଏ ଆଶୀର୍ବାଦ ଆଉ ମାଗୁଣି କରି ଶ୍ରୀମା ଙ୍କ ପାଖକୁ ଚିଠି ଲେଖିଥିଲି । ଖୁବ ଆଶା କରି ଅପେକ୍ଷାରେ ଥିଲି । ଯେଉଁ ସାକ୍ଷାତ୍କାର ଦେଇଥିଲି ଅନେକ ଙ୍କୁ ନିଯୁକ୍ତି ପତ୍ର କ୍ରମାନ୍ୱୟ ରେ ଆସୁଥାଏ । ମୋର ମାନସିକ ଯନ୍ତ୍ରଣା ବଢି ଚାଲିବ ସଂଗେ ସଂଗେ ହତାଶ ଆଉ ନାସ୍ତିକ ମନୋଭାବ ଧିରେ ଧିରେ ବଢି ଚାଲି ଥାଏ । ଶେଷକୁ ଦିନେ ମାଆ ଙ୍କୁ ଏକାନ୍ତ ରେ କହିଲି " ଯଦି ତୁମେ ସତରେ ଥାଅ ମାଆ ସତରେ ଯଦି କିଛି ଅଲୌକିକ ଶକ୍ତି ର ଅଧିକାରିଣୀ ହୋଇଥାଅ ,ଆଉ ମୋ ଉପରେ ଜଦି କାଣିଚାଏ ବି ତୁମ ଆଶୀର୍ବାଦ ଥାଏ ତାହେଲେ ଆଗାମୀ ଶନିବାର ଭିତରେ ମୁଁ ଯେମିତି ହେଲେ ନିଯୁକ୍ତି ପତ୍ର ଟି ପାଇବି । ଦେଖୁ ଦେଖୁ ଶନିବାର ଆସିଗଲା । ଡାକ ଆସିବାର ସମୟ ବି ଚାଲିଗଲା । ହତାଶ ମନ ଭଙ୍ଗା ହୃଦୟ ଲୁହ ଭରା ଆଖି ନେଇ ସେମିତି ସନ୍ଧ୍ୟା ଯାଏ ମୁଁ ଦାଣ୍ଡରେ ବସିଥାଏ । ଅଗଷ୍ଟ ମାସ..ଝିପି ଝିପି ବର୍ଷା ଲାଗି ରହିଥାଏ ।
ମନେ ମନେ କହିଲି ସମୟ ଚାଲିଗଲା ମାଆ ... ମୁଁ ଏଇ ଆଖି ବୁଜିଲି ଶେଷ ଥର ପାଇଁ...ଦୁଇ ମିନିଟ ପରେ ଆଖି ଖୋଲିଲା ବେଳକୁ ଯେମିତି ପୋଷ୍ଟ ମ୍ୟାନ ମୋ ଚିଠି ଧରି ଆସୁଥିବ ।
ଏକଥା ଲେଖିଲା ବେଳକୁ ମୋର ଏବେବି ଶରୀର ରୋମାଂଚିତ ହେଉଛି , ଆଖିରେ ଲୁହ ଭରି ଯାଉଛି । ଆଖି ବୁଝିଲି..ଧୈର୍ଯ୍ୟ କାହିଁ...ଦୁଇ ମିନିଟ ନ ହେଉଣୁ ଆଖି ଖୋଲି ଦେଖିଲି ପୋଷ୍ଟ ମ୍ୟାନ ଛତା ଧରି ଚାଲି ଚାଲି ଆସୁଛି । ନିଜକୁ ବିଶ୍ୱାସ କରି ପାରିଲି ନାହିଁ । ମୋ ହାତକୁ ଚିଠିଟି ବଢ଼େଇ ଦେଇ କହିଲା ଆଜି ଏଇ ଖଣ୍ଡିକ ଚିଠି ଆସିଛି ଏପଟ ସାହିରେ । ଥର ଥର ହାତ ରେ ମାଟିଆ ଲମ୍ବା ଚିଠିଟି ଥିଲା ମୋର " ନିଯୁକ୍ତି ପତ୍ର "...

(ସିଡିଏ କଟକ, ଓଡିଶା)

ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହରଣ୍ଟୁୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

କଥାକାର ଶ୍ରୀ ଲଳିତ ମୋହନ ମିଶ୍ର ଙ୍କ ଦୁଇଟି ଅଣୁଗଳ୍ପ :

" ଛଚିନ୍ଦ୍ରା "

ବୋଉ ବାଡିପଟ ଚୁଲିରେ କରୁଥାଏ ଚକୁଳି । ଗରମ ଗରମ ଚକୁଳି ସାଙ୍ଗକୁ ବୋଉ ହାତ ରନ୍ଧା ଛଚିନ୍ଦ୍ରା ମିଶ୍ରିତ ତରକାରୀ ଖାଇବାକୁ ଭାରି ସୁଆଦିଆ । ବୋଉ ଚୁଲି ପାଖରେ ବସି ଗୋଟିଏ ଗୋଟିଏ ଚକୁଳି ପରସୁ ଥାଏ, ଆମେ ତିନିଭାଇ ବସି ଖାଉଥାଉ । ଘଣ୍ଟା ଘଣ୍ଟା ଚୁଲି ପାଖରେ ବସି ଚକୁଳି କରି ପିଲାମାନଙ୍କୁ ଖୁଆଇବାରେ ବୋଉର ବଡ ଆନନ୍ଦ...

ସବୁ ବର୍ଷ ବୋଉ କେଉଁଠି ସେ ଛଚିନ୍ଦ୍ରା ମଞ୍ଜି ରଖିଥାଏ କେଜାଣି ? ? ?
ବର୍ଷାଦିନ ପୂର୍ବରୁ ଦୁଇ ଚାରିଟା ମନ୍ଦା କରି ବାଡିପଟ ଲଗାଇଦିଏ ।

ବର୍ଷାଦିନ ଆସିଲା ବେଳକୁ ମୁଁ ସେଥିରେ ରଞ୍ଜା ପୋତି ଦିଏ । ସେଥିରେ କେତେ କଣି ଫୁଲ ଧରେ । ବୋଉ ଡାକି କହେ - ପୁଅରେ ! ଗଛରେ ଟିକେ ଖତ ଦେଇ ଦେଉନୁ ? ? ?

ଖତ ଟିକିଏ ଯୋଗାଡ କରି ମୁଁ ଗଛ ମୂଳରେ ଦେଇଦିଏ । ଗଛଟିରେ ଅପର୍ଯ୍ୟାପ୍ତ ଫଳ ଧରେ ।

ବୋଉର ହାତକୁ ସେ ଛଚିନ୍ଦ୍ରା ଗଛଟି ଚିହ୍ନିଥାଏ ବୋଧହୁଏ , ଦଶହରା ପର୍ଯ୍ୟନ୍ତ ଛଚିନ୍ଦ୍ରା ଫଳେ, ଖାଇ ଖାଇ ଚିଟାପିଟା ଲାଗେ । ବୋଉ ଛଚିନ୍ଦ୍ରାରେ କାଞ୍ଜି, ରାଇତା, ସନ୍ତୁଳା, ତରକାରୀ, ଦୁଇଫାଳ କରି ପିଠଉ ଭଜା ଏମିତି କେତେ ପ୍ରକାରର ସୁଆଦିଆ ବ୍ୟଞ୍ଜନ ପ୍ରସ୍ତୁତ କରେ ।

କର୍ପୂର ଉଡି ଯାଇଛି ,କନା ଖଣ୍ଡିକ ପଡି ରହିଛି । ବାଡିପଟକୁ ଗଲେ ମନେ ପଡେ - ବୋଉ ଛଚିନ୍ଦ୍ରା ପୋତୁଥିବା ଯାଗାଟି ଖାଲି ପଡିଛି । ସେ ସ୍ଥାନରେ ମୁଁ କେତେ ମଞ୍ଜି ପୋତିଲିଣି କିନ୍ତୁ ମଞ୍ଜି ଗୁଡ଼ିକୁ ପିମ୍ପୁଡି ଖାଇ ଦେଉଛି । ଯେମିତିକି ଲାଗୁଛି ସେ ଯାଗା ଚାହିଁ ରହିଛି.... ବୋଉର ହାତକୁ... ।



" ଜେଜେଙ୍କ ଚଷମା "

ଯାଜ୍ଞ... ! ! ! ଏ ଯାଜ୍ଞ... ! ! ! ଯାଜ୍ଞ ଲୋ... ! ! !

ଡାକି ଡାକି ଚାରି ଘର କମ୍ପୁଥାଏ ।
ବାଡିଘରୁ ନାତୁଣୀ (ମୋ ବଡ ଝିଅ) ଯାଜ୍ଞ ଉତ୍ତର ଦିଏ - ହଁ ଯାଉଛି ଜେଜେ ...କ'ଣ କହୁଛ ??
ଆରେ ମୋର ଚଷମାଟା ଆଣିଲୁ ! !
ଦୁଇଟି ମୋଟା ଗ୍ଲାସ୍ ଓ ମୋଟା ଫ୍ରେମରେ ତିଆରି ମୋ ବାପାଙ୍କ ଚଷମା । ନାତୁଣୀ ଚଷମାଟା ଖୋଜି ଜେଜେ ଙ୍କୁ ଧରେଇଦିଏ । ନାତୁଣୀ ଯାଜ୍ଞ ସହିତ ମୋ ବାପାଙ୍କର ବହୁ ନିବିଡ ସମ୍ପର୍କ ଓ ମୋ ବାପାଙ୍କ ଚଷମା ଏକ ଅଭୁଲା ସ୍ମୃତି ।
ଯାଜ୍ଞର ଜନ୍ମବେଳେ ମୋ ମାଆ ଚାଲିଗଲା ।
ଦୁଃଖରେ ବାପା ଭାଙ୍ଗି ପଡିଲେ ।
ଆଖିକୁ ଭଲ ଦେଖାଗଲା ନାହିଁ । ବାପାଙ୍କର ଅନ୍ଧର ଲଉଡି ପାଲଟି ଗଲା ନାତୁଣୀ ଯାଜ୍ଞ ।
ବୟସର ସାୟାହ୍ନରେ ବାପାଙ୍କର ଚଷମା ହିଁ ସାହା ଭରସା ।
ବିକଳ୍ପ ଆଖି ଯାଜ୍ଞ ।
ନାତୁଣୀ ଯେଉଁଦିନ ଶାଶୁଘରକୁ ଚାଲିଗଲା, ଜେଜେ (ମୋ ବାପା) ସେଦିନ ଯାଜ୍ଞକୁ ଧରି କାନ୍ଦି କହିଥିଲେ - ତୁ ଚାଲି ଗଲୁନି ଯେ ମୋର ଚଷମାଟି ଚାଲିଗଲା ।

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ଚନ୍ଦ୍ରଗିରି, ଗଜପତି / ମୋ :୯୪୩୭୯୮୫୮୬୬

ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହରିଣ୍ଟୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଭୋକିଲା ପେଟ

ଜୟଶ୍ରୀ ପଟ୍ଟନାୟକ

ବାବୁ ! କିଛି ଦିଅନ୍ତୁ ।
ବାବୁ! କିଛି ଦିଅନ୍ତୁ । ଆପଣଙ୍କର ଧର୍ମ ହେବ ।
ବସଷ୍ଟାଣ୍ଡ ଛକରେ ଭାଇ ଓ ତାର ଦୁଇ ଯାଆଁଳା ଭଉଣୀ ମିଳିତ ସ୍ୱରରେ ମାଗୁଥିଲେ ଭିକ ।
କିଏ ଦେଉଥିଲା ତ କିଏ ନାହିଁ ଯା.. ଯା କହି ଆଡେଇ ଚାଲି ଯାଉଥିଲେ । ସବୁଦିନ ଏ ଜାଗା ସେ ଜାଗା ବୁଲି ବୁଲି ଯାହା ଆଣୁଥିଲେ ସେଥିରେ ପେଟ ପୋଷୁଥିଲେ ପାଞ୍ଚ ପ୍ରାଣୀ ।

ପରିବାର କହିଲେ ମାଆ ,ବାପା, ଗୋଟିଏ ଭାଇ ତାର ଦୁଇ ଯାଆଁଳା ଭଉଣୀ । ବାପା ଗୁପ ଚୁପ ବିକାଳି । ଗୁପ ଚୁପ ବିକିକି ଯାହା ରୋଜଗାର କରୁଥିଲା ସେଥିରେ ଦୁଃଖେ ସୁଖେ ପେଟ ପୋଷି ହୋଇଯାଉଥିଲା ହେଲେ ସେଦିନ କେମିତି ତା ଜୀବନ ଆକାଶରେ କଳାମେଘ ଘୋଟିଗଲା । ସବୁଦିନ ପରି ସେଦିନ ଗୁପ ଚୁପ ବିକି ଘରକୁ ଫେରିଲା । ଖିଆ ପିଆ ଓ ଘର କାମ ସାରି ପ୍ରାୟ ରାତି ୧୨ ଟା ବେଳକୁ ଖଟକୁ ଗଲା ମଦନ । ଦେହଟା କେମିତି ଅବଶ ଅବଶ ଲାଗୁଥିଲା, ଗୋଡ ହାତ ଦୁର୍ବଳ ଲାଗୁଥିଲା । ଶୋଇପଡ଼ିଲା ମଦନ ନିଦରେ ସକାଳୁ ଉଠି ଦେଖିଲାବେଳକୁ ଗୋଟେ ଗୋଡ ଆଉ ହାତ ଅଚଳ ହୋଇପଡିଲା ପରି ଲାଗିଲା । ଅନେକ ଉଠେଇବାକୁ ଚେଷ୍ଟା କରି ଶେଯରୁ ଉଠିପାରିଲାନି । ସ୍ତ୍ରୀ କାନ୍ଧକୁ ଭରସା କରି ଟିକେ ଉଠିଲା । ପୁଣି ପଡିଗଲା । କାମକରି ପାଞ୍ଚ ପେଟକୁ ପୋଷୁଥିବା ଲୋକଟିର ଏ ଅବସ୍ଥା ଦେଖିକି ଭୋ ଭୋ କାନ୍ଦି ଉଠିଲା ସ୍ତ୍ରୀ ଦୁର୍ଗା । ପାଖ ପଡୋଶୀ ସମସ୍ତଙ୍କୁ ଡାକିଲା-- ତାଙ୍କର କଣ ହେଇଛି ଯେ ସେ ଜମାରୁ ଉଠି ପାରୁନାହାନ୍ତି । ଡାକ୍ତର ବାବୁ ସବୁ ଦେଖିକି କହିଲେ ତାଙ୍କୁ ପକ୍ଷାଘାତ ହୋଇଛି ଯା ଦ୍ୱାରା ଗୋଟେ ପଟ ଅଙ୍ଗ ଅଚଳ ହୋଇପଡିଛି ।

ତାପରେ ଜଡ଼ିବୁଟି ଔଷଧ ପାଇଁ ବାର ଦୁଆର ବୁଲିଲା । ଡାକ୍ତରୀ ଔଷଧ ବା ଡାକ୍ତର ପାଖକୁ ନେବା ଅସମ୍ଭବ ହୋଇପଡିଲା । ଯାହା ଥିଲା ଚାଉଳ, ଡାଲି, ପରିବା, ତେଲ ସବୁ ସରିବା ଉପରେ । ସରପଞ୍ଚଙ୍କୁ କାକୁତି ମିନତି କରି କହିଲାରୁ ସେ ଦେଲେ ୫୦ କିଲୋ ଚାଉଳ । ବିଧାୟକ ଦେଲେ ହଜାରେ ଟଙ୍କା ଆଉ କିଛି ଚାଉଳ । ସେ ସବୁ ବି ଶେଷ । ଏବେ କିଂ କର୍ତ୍ତବ୍ୟ ବିମୂଢ ହୋଇ ବସିରହିଲା ଦୁର୍ଗା । କୋଉଠିକି ଯାଇ ଆଉ ହାତ ପତାଇବ ?

ପୁଅଟିର ବୟସ ହେବ ପାଖା ପାଖି ୧୨ ବର୍ଷ । ତା ମନକୁ କଣ ଆସିଲା କେଜାଣି କହିଲା । ତୁ ଘର ଜଗେ ମାଆ । ମୁଁ ଭିକ ମାଗିକି ଆଣିଲେ ଆମେ ସବୁ ଗଣ୍ଡେ ଭାତ ଖାଇବା । ତା ପରଠାରୁ ଚାଲିଲା ଭିକ ମାଗିବାକୁ ,ଯାହା ଆଣେ କୋଉଦିନ ଖାଆନ୍ତି କୋଉଦିନ ନାହିଁ । ସ୍ୱାମୀ ପାଇଁ ଔଷଧ କି ହୁଇଲ ଚେୟାର ଟିଏ କିଣି ପାରିବାର ସାମର୍ଥ୍ୟ ବି ନାହିଁ । ସରପଞ୍ଚ ଠାରୁ ଏମ ଏଲ ଏ ଭୋଟ ବେଳକୁ ଦୂଆର ଦୂଆର ବୁଲି ଭୋଟ ମାଗୁଛନ୍ତି ହେଲେ ଠିକଣା ବେଳକୁ ଧରା ଦିଅନ୍ତିନାହିଁ ।

ହଠାତ ଦିନେ ଗୋଟିଏ ସ୍ୱେଚ୍ଛାସେବୀ ଅନୁଷ୍ଠାନରୁ କିଛି ଲୋକ ସେଠାରେ ପହଁଚିଲେ ଦେବଦୂତ ପରି । ସାଙ୍ଗରେ ଆଣିଥିଲେ ହୁଇଲ ଚେୟାର, ପିଲାଙ୍କ ପାଇଁ ନୂଆ ଜାମା ପ୍ୟାଣ୍ଟ କୁଆଁର ପୁନେଇଁ ରେ ପିନ୍ଧିବାକୁ । ଦୁର୍ଗା ପାଇଁ ଶାଢ଼ୀ ଆଉ ହାତଖର୍ଚ୍ଚ ପାଇଁ ଦୁଇଶହ ଟଙ୍କା । ଏସବୁ ଦେଖିକି ଆଶ୍ଚର୍ଯ୍ୟ ହୋଇଗଲା ଦୁର୍ଗା । ଖୁସିରେ କାନ୍ଦି ପକାଇଲା, କୋହକୁ ଚାପି ସେଇ ଲୁହ ଭରା ଆଖିରେ କହିଲା - ଏହି ରିକ୍ସା ଟିଏ ପାଇଁ ବାର ଦୂଆର ବୁଲିଲି, ସରପଞ୍ଚ ଠାରୁ ଏମ ଏଲ ଏ ସମସ୍ତଙ୍କୁ ନେହୁରା ହୋଇଥିଲି ହେଲେ କେହି ଦେଇ ନ ଥିଲେ । ଆପଣମାନେ ମୋ ଦୁଃଖ ବୁଝିଛନ୍ତି, କୋଉ ଶବ୍ଦ ଦେଇ ମୁଁ ଆପଣମାନଙ୍କୁ ଧନ୍ୟବାଦ ଦେବି ଜାଣିପାରୁନାହିଁ ।

ବଡ ଝିଅଟିକୁ ଜଣେ ସ୍ୱେଚ୍ଛାସେବୀ କର୍ମୀ ପଚାରିଲେ - କଣ ଆଜି ଖାଇଛୁ ? କହିଲା ଭିକ ମାଗି ଯାଉଛି ଭାଇ ସାଥିରେ ସବୁଦିନ। ଯୋଉଦିନ କିଛି ମିଳୁଛି ଗଣ୍ଡେ ଖାଉଛୁ ସମସ୍ତେ ,ଯୋଉଦିନ ନ ମିଳୁଛି ପାଣି ପିଇକି ଓପାସରେ ରହିଯାଉଛୁ । ଏହି ସମୟରେ ପୁଅ ରିକ୍ସା ଟିରେ ବାପାକୁ ବସାଇ ଗଡାଇଦେଲା ଆଉ ରିକ୍ସା ଗଡ଼ିବା ଖୁସିରେ କହିଲା ବାପୁ ତୋ ଆଶା ପୂରଣ ହୋଇଗଲା । ଖୁସିରେ କାନ୍ଦି ପକାଇଲେ ଦୁର୍ଗା ଆଉ ମଦନ । ସେମାନଙ୍କ ଖୁସିର ଲୁହ ଦେଖି, ସେଠାରେ ଉପସ୍ଥିତ ଥିବା ସମସ୍ତଙ୍କର ଆଖିରେ ଝଲସିଉଠିଲା ଲୁହ । ଆଉ ସେ ଲୁହ ଥିଲା ଖୁସିର କି ଦୁଃଖର ଜମା ବାରି ହେଉ ନ ଥିଲା .....।

॥ ଗଙ୍ଗନଗର, ଭୁବନେଶ୍ୱର ॥

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ସୃଜନୀ ପରିବାର,ଚେନ୍ନାଇ
ହରଣ୍ଟୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ମୋ ରାଣୀ ମା'

ଅମ୍ବିକା ସ୍ୱାଇଁ

ସେଦିନ କଥା ଆଜି ବି ଲୋମମୂଳ ମୋର ଶିହରିତ କରେ।
ଚାରି ଆଡ଼େ ହୁରି ପଡ଼ିଗଲା ସାମନ୍ତ ଘର ରାଣୀ ମା'ର ଦେହ ଭୀଷଣ ଖରାପ, ବଞ୍ଚିବାର ଆଉ ସମ୍ଭାବନା ନାହିଁ।
ମୋ ରାଣୀ ମା'ଙ୍କୁ ସେତେବେଳେ ବୟସ ଛୟାଅଶୀ ବର୍ଷ ସିନା ତାଙ୍କ ଆଭାରେ କିଛିଟା ବି ମଳିନ ପଡ଼ିନଥାଏ । ରୋଗ ଶଯ୍ୟାରେ ପଡିଲେ ବି ତାଙ୍କ ଦିପ୍ତିମୟୀ ଚେହେରାରେ ମୋ ଆଖି ସବୁବେଳେ ଲାଖିରହିଥାଏ।

ସମସ୍ତଙ୍କର ଆଦରଣୀୟା ସ୍ନେହମୟୀ "ରାଣୀ ମା" । ମୋ ରାଣୀ ଜେଜି ମା ଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପରିବାର ବନ୍ଧୁ ପରିଜନ ଓ କେତେ ଦୂରୁ ୧୦/୧୫ ଖଣ୍ଡି ଗାଆଁ ରୁ ଧାଇଁ ଆସି ଜମା ହୋଇ ଥିବା ଅଗଣିତ ଲୋକ ଦାଣ୍ଡ ଠାରୁ ଘର ଭିତର ଯାଏ ସମସ୍ତଙ୍କ ଆଖିରେ ଅଶ୍ରୁର ଧାର.....ସମସ୍ତଙ୍କ ପାଟିରେ ସେହି ଗୋଟିଏ କଥା,ପ୍ରଶଂସାରେ ଶତ ମୁଖ । ରାଣୀ ମା" ଏତେ ଭଲ ଲୋକ ଯେ ଏ ଦୁନିଆରେ ବିରଳ.... ଦରଦୀ ହୃଦୟ ଭରା ଧର୍ମ ପରାୟଣା ସ୍ନେହମୟୀ ମଣିଷ ଟିଏ....
ଭୋଜି ଲା ପେଟରେ ଦାନା ଦିଅନ୍ତି,ସମସ୍ତଙ୍କର ଦୁଃଖ କଷ୍ଟ କୁ ବୁଝନ୍ତି, ତାଙ୍କୁ କଣ୍ କେବେ ଭୁଲି ହେବ !!!
ସମସ୍ତଙ୍କ ମୁହଁରେ ଦୁଃଖ ଓ ନିରାଶର ଛାଇ..... ପରିବେଶ ପୁରା ଗମ୍ଭୀର .....

ମୁଁ ମଧ୍ୟ ମୋ ପ୍ରିୟ ଜେଜି ମା" ଙ୍କ ପାଖରେ ବସିଥାଏ ତାଙ୍କ ମୁଣ୍ଡ ଉପରେ ହାତ ରଖି, ଆଖିରୁ ସେମିତି ଅନବରତ ଲୁହ ଝରୁ ଥାଏ । ସମସ୍ତେ ତାଙ୍କୁ ଚାହିଁ ବସି ଥା"ନ୍ତି, ରାଣୀ ମା"ଧୀରେ ଧୀରେ ଆଖି ଖୋଲି ମୋ ମୁହଁକୁ ଟିକେ ଚାହିଁଲେ,ଆଶ୍ଚର୍ଯ୍ୟ କଥା ତାଙ୍କ ମୁଣ୍ଡ ଉପରେ ଥିବା ମୋ ହାତକୁ ଧରି ମୁଠେଇ ଧରିଲେ ,ଓ ସେତେବେଳେ ସେ ଅଞ୍ଚଳର ଶ୍ରେଷ୍ଠ ମୂରବୀତ୍ୱ ତୁଲାଉ ଥିବା ମୋ ବଡ଼ ବାପା ଙ୍କ ହାତରେ ମୋ ହାତକୁ ଧରାଇ ଦେଇ ଖନେଇ ,ଖନେଇ କହିଲେ, ଶୁଣୁ ରେ,ଶିବୁ ମୋ ଗେଲ୍ଲୀ"ଅମା" ତୋତେ ଲାଗିଲା, (ମୋ " ଜେଜି ମା" ମୋତେ ଶ୍ରଦ୍ଧାରେ ଅମା ବୋଲି ଡାକନ୍ତି) ତାକୁ ଏମିତି,ସେମିତି ଜାଗାରେ ବାହାଘର କରିବନି,ଭାରି ସୁକୁମାରୀ ଟା ସେ ଯେମିତି ସହର ରେ ସେ ରହିବ । ଭୁବନେଶ୍ୱର ରେ ଯଦି ଚାକିରୀ କରି ଥିବା ଛୁଆଁ ଟି ମିଳେ ତାକୁ ସେଇଠି ବାହାଘର କରି ଦେବ । ମୋ ରାଣୀ ମା'ର ସେ ମୂମୂର୍ଷୁ ମୁହୂର୍ତ୍ତ ର ଶେଷ କଥା ପଦକ ବା ଶେଷ ଇଚ୍ଛା ମୋ ବଡବାପା,ବାପା, ଦାଦା ଓ ପରିବାର ର ସମସ୍ତଙ୍କୁ ଚମକେଇ ଦେଇଥିଲା.....

ତାଙ୍କର ଅଠର ନାତି ନାତୁଣୀ ଙ୍କ ଭିତରୁ ମୋତେ କାହିଁକି ଯେ, ଏପରି ଅମାପ ସ୍ନେହ ଭଲ ପାଇବା ଓଜାଡୁ ଥିଲେ ସେ ହିଁ ଜାଣନ୍ତି... ଯେତେ ଯାହା ସାଇତି ରଖିଥିବା ଭଲ ଭଲ ଖାଇବା ଜିନିଷ ସମସ୍ତଙ୍କୁ ଲୁଚାଇ ମୋତେ ହିଁ ଦିଅନ୍ତି ମୋତେ ଗେହ୍ଲା କରନ୍ତି,ମୋତେ କୋଳରେ ପୁରାଇ ଶୁଅନ୍ତି।.ମୁଁ ଏତିକି ଜାଣିଛି, ମୁଁ ବି ମୋ ରାଣୀ ଜେଜି ମା ଙ୍କୁ ଖୁବ୍ ଭଲ ପାଏ । ଛୋଟ ରୁ ବଡ଼ ଯାଏ ତାଙ୍କରି ପାଖରେ ହିଁ ମୋ ଚୁଲବୁଲି ଚପଳାମି ପଣ ସବୁ ବାହାର କରେ....!!! ଆଜି ବି ଆମ ପରିବାର ବିଭାଘର ପର୍ବ-ପର୍ବାଣୀ ରେ ସମସ୍ତେ ଯେତେ ବେଳେ ଏକାଠି ହୁଅନ୍ତି ମୋ ସହିତ ମୋ ଜେଜି ମା ଙ୍କ ର ନିବିଡତାର ସମ୍ପର୍କ ଓ ମୃତ୍ୟୁ ଶଯ୍ୟା ରେ ରହି କହି ଥିବା ଶେଷ ଇଚ୍ଛା କୁ ମନେ ପକାନ୍ତି ।

ଆଜି ସିନା ମୋ ଜେଜି ମା" ମୋ ପାଖରେ ସ୍ୱ ଦେହରେ ନାହାଁନ୍ତି ହେଲେ ତାଙ୍କର ଶୁଭେଚ୍ଛା,ଶୁଭ କାମନା, ଆଶିର୍ବାଦ ସବୁବେଳେ ମୋ ପାଖେ ପାଖେ ଅଛି। ତାଙ୍କ ଜୀବନ ର ଶେଷ ମୁହୂର୍ତ୍ତ ର ଶେଷ ଇଚ୍ଛା କେବେ ବି ମଉଳି ଯାଇନି,ତାଙ୍କ ଆଶୀର୍ବାଦ ରୁ ତାଙ୍କ ଗେହ୍ଲୀ ନାତୁଣୀ ଆଜି ଖାଲି ଭୁବନେଶ୍ୱର କ'ଣ? ସାରା ଦେଶ ଓ ବିଦେଶ ଯିବାର ସୁବିଧା ସୁଯୋଗ ରୁ ବଞ୍ଚିତ ହୋଇନି.....ଏବେ ବି ବେଳେ ବେଳେ ମନ ହୃଦୟ ରୁ ସେ କଥା ପଦକ ଜୀବନ୍ତ ସ୍ମୃତି ହୋଇ ଜଳ ଜଳ ଫୁଟି ଦିଶେ ଓ ଆନନ୍ଦର ଦୁଇ ବୁନ୍ଦା ଲୁହ ଚିବୁକର ଦୁଇ ଧାରେ ବହି ଯାଏ..... ତୁମେ ଆଜି ସ୍ୱର୍ଗ ରେ ଥାଅ ବା ମର୍ତ୍ତ୍ୟରେ ଥାଅ ଯେଉଁଠି ବି ଅଛ ତୁମ ଆଶୀର୍ବାଦ ର ହାତ ମୋ ମଥା ଉପରେ ଅଛି ବୋଲି ପ୍ରତି ମୁହୂର୍ତ୍ତ ରେ ଅନୁଭବ କରେ.....!!!

(ଭୁବନେଶ୍ୱର)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ସୃଜନୀ ପରିବାର,ଚେନ୍ନାଇ
ହରିଣ୍ଟୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଠେକିଏ ଗୁଆଘିଅ

ସାବିତ୍ରୀ ପୁରୋହିତ

ମୁହଁ ଉପରକୁ କରି ପୁଳାଏ ସିଗାରେଟ୍ ଧୂଆଁ ଫକ୍ କରି ଛାଡ଼ିଦେଲା ଅତନୁ । ଛାତିତଳର ଏ ଅବସୋସ ସବୁକୁ ଯଦି ଉଡ଼ାଇ ଦିଆଯାଇ ପାରନ୍ତା ଧୂଆଁ କରି !! ଆଃ....ହାଲୁକା ଲାଗନ୍ତା । ପିଲାବେଳେ ମାଆ କୋଳରେ ମୁଣ୍ଡ ରଖି ଧୋ' ବାୟା ଗୀତ ଶୁଣି ଶୋଇଲା ବେଳେ ଯେମିତି ଦେହ ମନ ହାଲୁକା ହୋଇ ଯାଉଥିଲା ।

ଆଭିଜାତ୍ୟ....ମାନ ସମ୍ମାନ...ପ୍ରଚୁର ଅର୍ଥର କାଠଗଡ଼ାରେ ବନ୍ଦୀ ଆଜି ଅତନୁ । ସବୁ ଅଛି...କିଛି ନାହିଁ । ମାସ ଶେଷ ବେଳକୁ ମୋଟା ଅଙ୍କର ଦରମା ଟେ ପକେଟ୍ କୁ ଆସେ । ସୁନ୍ଦରୀ ସ୍ତ୍ରୀ, ପିଲାଛୁଆ, ସୁଖର ସଂସାର । ତଥାପି ମନତଳେ ଏ ଅବସୋସ ଟା କ'ଣ, ଖୋଜିହୁଏ ଅତନୁ ।

ମାଆ ମରିବାର ୟା' ଭିତରେ ପାଞ୍ଚ ବର୍ଷ ବିତି ଗଲାଣି । ଗୋରୀ ହେଇ ସେଇ ତନୁପାତେଳୀ ସ୍ତ୍ରୀ ଲୋକଟା । ପିଲା ବେଳୁ ବାପା ଯାଇଥିଲେ ଆରପାରି କି । ଦେଇ ଯାଇଥିଲେ ଦି' ମାଣ ସରିକି ଜମି ଓ ଗୁହାଳରେ କେଇପଟ ଗାଈ ଉତ୍ତରାଧିକାର ସୂତ୍ରରେ । ଆଜି ବି ମନେଅଛି....ସ୍କୁଲ୍ ରେ ବଣଭୋଜି ପାଇଁ ମାଷ୍ଟ୍ରେ କହିଥିଲେ । ଦରକାର ପଡ଼ିଥିଲା ପାଞ୍ଚଟା ଟଙ୍କା । ମାଆ ଅସମର୍ଥ ଥିଲା ସିନା ହାରି ନ ଥିଲା । ଠେକିଏ ଗୁଆଘିଅ ସାହୁ ବାବୁଙ୍କ ଘରେ ଦେଇ ପାଞ୍ଚ ଟଙ୍କା ଆଣିଥିଲା ତା'ର ଗେଲବସର ର 'ଧନ' ପାଇଁ । ସେତେବେଳେ ସେ ବୁଝି ପାରି ନଥିଲା ସାଇତି ଥିବା ସେଇ ଠେକିଏ ଗୁଆଘିଅ ତା' ମାଆର ଠେକିଏ ସ୍ୱପ୍ନ ଥିଲା ବୋଲି ।

ସମୟଟା ୟା' ଭିତରେ ବଦଳି ଯାଇଛି । ସେଇ ଠେକିଏ ସ୍ୱପ୍ନକୁ ବିକିବାର ଦିନ ଆଜି ନାଇଁ । ତା' ପିଲା ମାନେ ଦାମୀ କାର୍ ଚଢ଼ି ସ୍କୁଲ୍ ଯାଆନ୍ତି । ତାକୁ ବାପା ନୁହେଁ 'ଡାଡି' ବୋଲି ଡାକନ୍ତି । ଆଉ ତା'ର ପରଲୋକଗତ ବାପା ଆଉ ମାଆର ଫଟୋରେ ଫୁଲହାର ଦେଇ କହନ୍ତି ଗ୍ରାଣ୍ଡ ପା'...ଗ୍ରାଣ୍ଡ ମା' ।

ଏଇତ! କାଲି ପରି ଲାଗୁଛି । ସେଦିନ ଗାଁ ରୁ ହରିଭାଇ ଆସିଥିଲା । କହୁଥିଲା ମାଆର ଗୋଡ଼ ଫୁଲିଛି, ଆଖିକୁ ଦେଖାଯାଉନି। ତାକୁ ପାଖକୁ ନେଇ ଆସ। ହେଲେ ଯେଉଁ ଦାମୀ ଫ୍ଲାଟ ରେ ଚାକର ବି ଇଂରାଜୀରେ କଥା ହୁଏ ତା' ମରହଟ୍ଟି ମାଆର ଥାନ କାଇଁ ? ମନିଷା ପାଟି କଲା, ବୁଢ଼ୀ ଲୋକ...ଏଇଠି ଚଳି ପାରିବେ ? ତମେ ପୁଳାଏ ଟଙ୍କା ଦେଇଦିଅ ହରିଭାଇଙ୍କି । ସେ ଦେଖାଶୁଣା କରିବେ । ତା' ଛାତି ଭିତରର ହାତୁଡ଼ି ପାହାରଟା ସେଦିନ ଚାପି ହେଇଗଲା ଦାମୀ କାର୍ ଚକା ତଳେ । ମାଆ ର 'ଧନ' ହଜିଗଲା ଭିଡ଼ରେ । କଦଳୀପତ୍ରରେ ଚୁନାମାଛ ପୋଡ଼ା ସେଦିନ ସ୍ୱାଦ ହରାଇ ଦେଲା ଫାଇଭ୍ ଷ୍ଟାର୍ ହୋଟେଲ୍ ର 'ମେନୁ' ରେ ।

ଚାରିଦିନ ପରେ ଖବର ଆସିଲା... ବୁଢ଼ୀ ଆରପାରିକି ଚାଲିଗଲା । ଗଲାବେଳେ ସେ ବି ଛାଡ଼ି ଯାଇଥିଲା ଉତ୍ତରାଧିକାର ସୂତ୍ରରେ ଭଙ୍ଗା ଚାଳଘର , ଆଉ କେଇଟା କଦଳୀ ଗଛ । ଗୁହାଳରେ ଠିକ୍ ତା'ରି ପରି ଦି' ଚାରି ପଟ ରୋଗିଣା ଗାଈ । ଖବର ପାଇ କାର୍ ଚକରେ ଧୂଳି ଉଡ଼ାଇ ଗାଁ କୁ ଧାଇଁ ଥିଲା ଅତନୁ । ଉପରକୁ ଆଁ କରି ମରି ପଡ଼ିଥିଲା ମାଆ । ଆଖି ଦୁଇଟି ଦରମେଲା । ଯେପରି ଆକୁଳରେ ଖୋଜି ହେଉଛି ତା'ର ଆଦରର 'ଧନ' କୁ। କ୍ଷୀର ସରିଯାଇଥିବା ମୁକୁଳା ଛାତି ଉପରେ ପିମ୍ପୁଡ଼ିମାନେ ଆଧିପତ୍ୟ ଜାହିର୍ କରି ସାରିଥିଲେ । ଝୁଣୁଥିଲେ ଶୁଖିଲା ମାଂସ । ଛାତି ଉପରେ ଲୋଟିଗଲା ଅତନୁ । 'ଧନ' ର ଲୁହ ପୋଛିବାକୁ ସେ ଦଦରା ପଣତ ଥିଲେ ତ !! ....

ଗାଆଁ ଲୋକେ କୁହାକୁହି ହେଉଥିଲେ....ଭଲ ଭୋଜିଟାଏ ମିଳିଲା । " ବାବୁ ! ସହରକୁ ଫେରିବନି ?" ହରି ଭାଇର ଡାକରେ ଧ୍ୟାନ ଭାଙ୍ଗିଲା । ପିଲାଦିନେ ମାଆ ବିକିଥିବା ସେଇ ଠେକିଏ ଗୁଆଘିଅ ଯେମିତି ମହମହ ହୋଇ ବାସିଗଲା । ଭଙ୍ଗା କୁଡ଼ିଆର ଧୂଳି ମୁଣ୍ଡରେ ମାରି ଅତନୁ କାର୍ ର ଷ୍ଟିଅରିଂ କୁ ହାତରେ ଧରିଲା । ପଛରୁ ଯେମିତି କିଏ ଡାକିଗଲା...." ଧନରେ ! ପୁଣି କେବେ ଆସିବୁ ?" ଚମକି ପଡ଼ିଲା । ମାଆ ର ଠେକିଏ ସପନ ଆଖିରୁ ଦୁଇଧାର ଲୁହ ହୋଇ ଝରି ପଡ଼ିଲା ଦାମୀ କୋଟ୍ ଉପରେ । ହୃଦୟଟା ମରିଗଲା ପରେ କ'ଣ ଜୀଇଁ ହୁଏ ? ଚେଷ୍ଟା ଜାରି ରହିଲା.....।

॥ ସମ୍ବଲପୁର ॥

ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହରିଣ୍ଟୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ଭାଗଶେଷ

ସୁଦ୍ରୁମା ପଣ୍ଡା

ପାର୍ବଣ ମୁଖର ରାତି ।
ଆଲୋକର ବର୍ଣ୍ଣାଢ୍ୟ ସାଜସଜ୍ଜା ରେ ଉଦ୍ଭାସିତ ଦେବୀ ମଣ୍ଡପ ତଥା ତାର ଚତୁଃପାର୍ଶ୍ୱ । ଢୋଲ,ନିଶାଣ ର ଶବ୍ଦ ରେ ଦୁଲୁକି ଉଠୁଥାଏ ପାର୍ବଣ ସନ୍ଧ୍ୟା ଲୋକଙ୍କ ହୋ ହାଲ୍ଲା ରେ ମୁଖରିତ ହୋଇ ଉଠୁଥାଏ ପୂଜା ସ୍ଥଳୀ ।
ଏତେ ଭିଡ଼ ଭିତରେ ବି ନିଜକୁ ଏକାକୀ ମଣୁଥିଲା ପୁଷ୍ପିତା । ମେଢ଼ ର ଅନତି ଦୂରରେ ଏକ ବାଉଁଶ ଖମ୍ବକୁ ଆଉଜି ଏକ ଲୟରେ ଚାହିଁ ରହିଥିଲା ଦେବୀ ଙ୍କ ବଡ଼,ବଡ଼ ଆଖି ଦୁଇଟିକୁ । ସତେ ଅବା ମାଁ ଦୁର୍ଗାଙ୍କୁ ମାଗୁଥିଲା ତା ଦୁଃସହ ଜୀବନ ର ହିସାବ ।

ଖୁବ୍ ଅଳିଅଳ ଥିଲା ସେ ବାପା, ମାଁ ଙ୍କର । ଭାଇ ଭାଉଜ ବି ବହୁତ ଭଲ ପାଉଥିଲେ ପୁଷ୍ପିତାକୁ । ପାଠ କି କାମ କେଉଁଥିରେ କମ୍ ନଥିଲା ସେ । ତା ସତ୍ତ୍ୱେ ବି ତାର ବାହାଘର ଠିକ୍ ହୋଇ ପାରୁ ନଥିଲା, କାହିଁକି ନା ତା ଦେହର ରଙ୍ଗ ଥିଲା କଳା । ଏକାଧିକ ପ୍ରସ୍ତବ ଆସୁଥିଲେ ସୁଦ୍ଧା କେହି ରାଜି ହେଉ ନଥିଲେ । ଏଥିରେ ତାର କ'ଣ ଦୋଷ ଯେ ? ବୟସ ବଢିବା ସହିତ ବାପା ମାଁ ଙ୍କ ଚିନ୍ତା ବି ବଢି ବଢି ଯାଉଥାଏ । ଯାହାହେଉ ଶେଷରେ କୌଣସି ମତେ ଗୋଟିଏ ଜାଗାରେ ବହାଘର ଠିକ୍ ହେଲା । ଟିକିଏ ଆଶ୍ୱସ୍ତ ହେଲା ପୁଷ୍ପିତା, ଭାବିଲା ବାପାଙ୍କ ଚିନ୍ତା ଟା ତ ଦୂର ହେଲା । ବାହାଘର ବି ଖୁବ୍ ଧୁମଧାମରେ ସରିଗଲା । କିନ୍ତୁ ଚଉଠି ରାତିରେ ତା ସ୍ୱାମୀ କୁ ଦେଖି ତାର ହୋସ୍ ଉଡ଼ି ଯାଇଥିଲା । ହସି,ହସି ତା କକ୍ଷକୁ ପସୁ,ପସୁ ତା ସ୍ୱାମୀ କହିଲା,"ମତେ କହିଛନ୍ତି ମୁଁ ଏଥର ତୋ ସାଙ୍ଗରେ ରହିବି । ତୁ ମୋ ସଙ୍ଗେ ଖେଳିବୁନା ? ଆମେ ଏଥର ସାଙ୍ଗ ହେଇ ଖୁବ୍ ଖେଳିବା । ମୋ ସଙ୍ଗେ କେହି ଖେଳନ୍ତି ନି । ତୋର ମୋର ଖୁବ୍ ମଜା କରିବା" । ପୁଷ୍ପିତା କୁ ମନେହେଲା ସେ ଯେମିତି ଗୋଟିଏ ପାଞ୍ଚ,ସାତ ବର୍ଷର କୋମଳ ଶିଶୁ ।

କ'ଣ କରିବ କିଛି ଠିକ୍ କରିପାରି ନ ଥିଲା ସେଦିନ । ଭାବିଲା ସକାଳୁ ବାପଘରକୁ ଚାଲିଯିବ । କିନ୍ତୁ ପର ମୁହୂର୍ତ୍ତରେ ବାପାଙ୍କ ନିରିହ ମୁହଁ ଟାକୁ ମନେ ପକେଇ ଚୁପ୍ ଚାପ୍ ପଡ଼ି ରହିଲା । ଏମିତି କେତେ ବର୍ଷ ଗଲାପରେ ସେ ବାଞ୍ଛ ଆଖ୍ୟା ବି ପାଇ ସାରିଥିଲା । ମାଁ ହେବାର ସୌଭାଗ୍ୟ ବା ପାଇବ କେମିତି ? କିଛି ଉପାୟ ନ ଥିଲା ତା ପାଖରେ । ବହୁ କଷ୍ଟରେ ତାର ପୁଅଟିଏ ହୋଇଥିଲା ।

ମେଢ଼ ତଳେ ଅତି ଆନନ୍ଦରେ ଖେଳୁଥିଲେ ତାର ତିନି ବର୍ଷର ପୁଅ ଓ ତା ସ୍ୱାମୀ । ସତେ ଯେମିତି ସମ-ବୟସ୍କ ଦୁଇଟି ସାଙ୍ଗ ପରସ୍ପର ଏକ ହୋଇ ଯାଇଛନ୍ତି । ଧାର,ଧାର ହୋଇ ବହି ଯାଉଥିବା ଲୁହକୁ ଲୁଚାଇବାକୁ ଯାଇ ପଣତରେ ପୋଛି ପକେଇଲା ସେ । ଏତିକି ବେଳେ ଦୁଇଜଣ ଯାକ ତାର ଦୁଇ ହାତକୁ ଧରି ଅଳି କରି ବସିଲେ ରାବଣ ପୋଡ଼ି ଦେଖିବାକୁ । ପୋଡି ଯାଉଥିବା ହୃଦୟକୁ ଶମିତ କରିବାକୁ ଚେଷ୍ଟା କରି ଧୀରେ ଧୀରେ ତାଙ୍କ ହାତଧରି ଚାଲିଥିଲା ରାବଣ ପୋଡ଼ି ପଡିଆ କୁ । ମନେ ହେଉଥିଲା ସେମାନେ ଯେମିତି ତାର ଅଛିଣ୍ଡା ଭଗ୍ନାଂଶ ର ଭାଗ ଶେଷ ।

ଭଟଲି,ବରଗଡ଼
ଫୋ.ନ -୮୭୬୩୩୨୪୪୪୫

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ସୃଜନୀ ପରିବାର,ଚେନ୍ନାଇ
ହରିଣ୍ଟୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ସ୍ୱୀକାରୋକ୍ତି

ପ୍ରବାସିନୀ ହୋତା

ଅପୂର୍ବାକୁ ହଷ୍ଟେଲରେ ରଖେଇଦେବାର ନିଷ୍ପତ୍ତି ଥିଲା ଦି ବର୍ଷ ତଳର । ହେଲେ ଦି ବର୍ଷ ପରେ ଆଜି ଅପୂର୍ବାକୁ ହଷ୍ଟେଲରେ ପ୍ରଥମ କରି ଛାଡ଼ି ଆସିଲା ବେଳକୁ କାହିଁକି ଦୋଷୀ ଦୋଷୀ ଲାଗୁଛି ଅସିତ୍ ଙ୍କୁ ??

ଏ ପ୍ରଶ୍ନର ଉତ୍ତର ଅନ୍ୟ କାହାରିକୁ ଆଦାୟ କରିବାର ଦରକାର ନ ଥିଲା । କାରଣ ଯେଉଁ ଉତ୍ତର ଅସିତଙ୍କ ପାଖରେ ଥିଲା, ତାକୁ ଭୁଲ୍ ପ୍ରମାଣିତ କରିବା ପାଇଁ ଯୁକ୍ତି ହିଁ ନ ଥିଲା ସୃଷ୍ଟିରେ ।

ଗତ ରାତିଟା ସାରା ଶୋଇପାରି ନ ଥିଲେ ଅସିତ୍ । ତାଙ୍କର ଗେଲବସରର ଏକମାତ୍ର ମା ଛେଉଣ୍ଡ ଝିଅକୁ ସେ ହଷ୍ଟେଲରେ ଛାଡ଼ି ଆସିବା ପରେ କେବଳ ଗୋଟିଏ ପ୍ରଶ୍ନ ବାରମ୍ବାର ପଚାରୁଛି ତାଙ୍କ ଅନ୍ତରାତ୍ମା- କେମିତି ହୋଇପାରିଲେ ସେ ସାବତ ବାପା ? ଯଦିଓ ହଷ୍ଟେଲ ଯିବାର ଜିଦ୍ ନିଜେ କରିଥିଲା ଅପୂର୍ବା,ସେ ମନା କରିପାରିଲେ ନି କାହିଁକି ? ଯେଉଁ ଅଭାବ ତାର ଏ ଘରେ ରହିଗଲା,ତାକୁ ସେ ପୂରଣ କରିପାରିଲେନି କାହିଁକି ?

ଏ ଘରେ ସ୍ନେହ,ମମତାର ଫଲ୍ଗୁ ଚିରସ୍ରୋତା ହେଉ ବୋଲି ମନପ୍ରାଣ ଢାଳି ଦେଇଥିଲେ ପୂରବୀ । ଅପୂର୍ବାକୁ ନେଇ ସୁଖର ଦୋଳିରେ ତାଙ୍କ ଛୋଟ ପରିବାରଟି ଝୁଲିବା ଆରମ୍ଭ କଲାବେଳକୁ ଦଇବ ସହିଲାନି । ସର୍ଭିକାଲ କ୍ୟାନ୍ସର ସହ ଜୁଝି ଜୁଝି ଝିଅକୁ ଅସିତ୍ ହାତରେ ସମର୍ପି ଦେଇ ପୂରବୀ ନିଶ୍ଚିନ୍ତ ନିଦରେ ଶୋଇ ଗଲେ ସବୁଦିନ ପାଇଁ । ହଠାତ୍ ମା' କୁ ହରାଇ ଯେମିତି ନୀରବି ଯାଇଥିଲା ଅପୂର୍ବା ଯେ ଅସିତ୍ ପରିଣାମ କ'ଣ ହେବ ଭାବି ଭାବି ଖୁବ୍ ଭୟ ପାଇଯାଇଥିଲେ । ସେତେବେଳେ ହିଁ ଭାବିଥିଲେ,ଅପୂର୍ବାକୁ ହଷ୍ଟେଲରେ ଛାଡ଼ି ଦେଲେ ସାଙ୍ଗସାଥୀ ମେଳରେ ସେ ହୁଏତ ଭୁଲିଯିବ ମା' କୁ ହରେଇଥିବାର ଯନ୍ତ୍ରଣା । କିନ୍ତୁ ଅପୂର୍ବା ନିଜେ ମନାକଲା । ସେ ତା ମା'ର ସ୍ମୃତିକୁ ନେଇ ଘରେ ରହିବାକୁ ହିଁ ପସନ୍ଦ କରିଥିଲା ସେତେବେଳେ ।

ପୂଜାରୀ ଦାମକାକା କୋଳେଇ ନେଇଥିଲେ ମା ଛେଉଣ୍ଡ ଅପୂର୍ବାକୁ । କିଛି ମାସ ଭିତରେ ଆଉ କେବେ ଦ୍ୱିତୀୟ ବିବାହ ନ କରିବାର ନିଷ୍ପତ୍ତି ନେଇଥିବା ଅସିତ୍ ଯେ କେମିତି ଆଉ କେଉଁ ମୋହିନୀ ମନ୍ତ୍ରରେ ବଶୀଭୂତ ହୋଇ ରେଣୁକାକୁ ବିବାହ କଲେ, ତାହା କାହାରିକୁ ଜଣାନାହିଁ । ବିବାହ ତ କଲେ, କିନ୍ତୁ ଚଳି ତ ଜାଣିଲେନି । ସ୍ୱାମୀ ସ୍ତ୍ରୀଙ୍କ ମନ-ମନାନ୍ତର ଭିତରେ ବଳି ପଡ଼ିଲା ଏଗାର ବର୍ଷର ଝିଅ ଅପୂର୍ବା । ସେ ସିନା ଅଫିସ୍ ଚାଲି ଯାଇ ଉଶ୍ୱାସ ଅନୁଭବ କରୁଥିଲେ ; ଅପୂର୍ବା ତ ସ୍କୁଲ ସମୟ ବାଦ୍ ବାକି ସମୟ ବିତାଉଥିଲା ରେଣୁକା ସାଙ୍ଗରେ । କ'ଣ ସବୁ ତା ସହିତ ହେଉଥିଲା ନା ସେ କେବେ ତାକୁ ପଚାରିଛନ୍ତି ନା କେବେ ତାଙ୍କୁ କହିଛି ଅପୂର୍ବା ।
ଏସବୁ ଭାବି ଭାବି ରାତିସାରା ଲୁହ ଗଡାଇଛନ୍ତି ଅସିତ୍ । ନିଶ୍ଚେ ଏ ଘରେ ରହିବା ତା ପାଇଁ ଦୁର୍ବିସହ ହୋଇଛି ବୋଲି ମୁହଁ ଖୋଲି ହଷ୍ଟେଲରେ ରହି ପଢିବାକୁ ଜିଦ୍ କରିଛି ଅପୂର୍ବା । ସେ ବି ଠିକ୍ ଭାବିଛନ୍ତି ତାର ନିଷ୍ପତ୍ତିକୁ। ହେଲେ, ସେ କ'ଣ ଠିକ୍ କରିଛନ୍ତି ? ରଖିପାରିଛନ୍ତି ପୂରବୀର ବିଶ୍ୱାସକୁ ଅକ୍ଷୁଣ୍ଣ ??

ସାରା ରାତି ଏଇ ଚିନ୍ତାରେ ନଈ ଭଳି ଅନୁତାପ ରେ ବହିଚାଲିଥିବା ଆଖିଦିଓଟି ପାହାନ୍ତିଆ ବେଳକୁ ଟିକେ ଲାଗିଯାଇଥିଲା । ସେ ସ୍ୱପ୍ନରେ ଦେଖିଛନ୍ତି, ଅଦୂରରେ ଧଳା ଶାଢ଼ୀ ପିନ୍ଧି ଠିଆ ହୋଇଛନ୍ତି ପୂରବୀ । ହେଲେ ସଦା ହସହସ ପୂରବୀଙ୍କ ମୁହଁରେ ଆଜି ହସ ନାହିଁ । ଆଖିକୋଣରେ ଜକ୍ ଜକ୍ ଦି ବୁନ୍ଦା ଲୁହ ନୀରବରେ ଅନେକ କିଛି ପଚାରୁଛି ଯେମିତି । "ଯେଉଁ କଲିଜାର ଟୁକୁଡାକୁ ଅଖଣ୍ଡ ବିଶ୍ୱାସରେ ତମ ହାତକୁ ଟେକି ଦେଇଥିଲି, ଅସିତ୍, ତୁମେ ତାକୁ ହାତଛଡ଼ା କରିଦେଲ କେମିତି ??"

ହଠାତ୍ ଚମକି ଯାଇ ଖଟରେ ବସିପଡ଼ିଲେ ଅସିତ୍ । ସ୍ୱପ୍ନ ସିନା ଭାଙ୍ଗିଗଲା,ହେଲେ ପୂରବୀର ପ୍ରଶ୍ନର ଝଙ୍କାର ଏବେ ବି ଯେମିତି ପ୍ରତିଧ୍ୱନି ତୋଳୁଥିଲା ଚାରିଆଡ଼େ । ନିଜ ବ୍ୟର୍ଥତାର ସ୍ୱୀକାରୋକ୍ତି ସ୍ୱରୂପ ପୁଣି ଥରେ ସଜଳ ହୋଇଉଠିଲେ ତାଙ୍କର ଦୁଇଆଖି । ଏଥର ପିଲାଙ୍କ ଭଳି ଡକା ପାରି କାନ୍ଦି ଉଠିଲେ ଅସୀତ୍ । କାନ୍ଥଘଣ୍ଟା ଟଂ ଟଂ କରି ପାଞ୍ଚଥର ବାଜିଉଠିଲା... ।

॥ ଭଟଲି ଛକ, ବରଗଡ଼ ॥

ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହରିଣୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ପଡୋଶୀ

ସସ୍ମିତା ମହାନ୍ତି



ଅସୀମ ବାବୁ ବାଲେଶ୍ୱରରେ ନିଜ ପରିବାର ସହ ରୁହନ୍ତି । ତାଙ୍କର ପରିବାର କହିଲେ ବାପା,ମାଆ,ପତ୍ନୀ, ପୁଅ ସାନୁ ଓ ଝିଅ ସୋନିକୁ ବୁଝାଏ। ସେ ଏକ ବ୍ୟାଙ୍କରେ କାର୍ଯ୍ୟରତ। ସ୍ୱାମୀ ଏବଂ ସ୍ତ୍ରୀ ଦୁହେଁ ଭାରି ମେଳାପୀ। ସାହି ପଡିଶା ସମସ୍ତଙ୍କ ସହ ମିଳିମିଶି ଚଳିବାକୁ ଭଲପାଆନ୍ତି ।ବାପା ମାଆଙ୍କର ବୟସ ହେଲାଣି। ମଝିରେ ମଝିରେ ଦେହ ଖରାପ ଲାଗି ରୁହେ। ସେମାନେ ନୂଆ ହୋଇ ବାଲେଶ୍ୱର ଆସିଥାଆନ୍ତି। କାହା ସହ ବେଶୀ ଚିହ୍ନା ପରିଚୟ ହୋଇ ନଥାଏ।

ହଠାତ୍ ଅସୀମ ବାବୁଙ୍କ ମାଆଙ୍କର ଦେହ ଖରାପ ଯୋଗୁଁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବାକୁ ପଡିଲା। ଖବର ଶୁଣି ପଡୋଶୀ ସୁମିତ୍ ବାବୁ ଏବଂ ତାଙ୍କ ସ୍ତ୍ରୀ ଅନିତା ଆସି ପହଞ୍ଚିଲେ। ଅସୀମ ବାବୁ ଓ ତାଙ୍କ ସ୍ତ୍ରୀଙ୍କୁ ଧୈର୍ଯ୍ୟର ସହ କାମ କରିବାକୁ କହିଲେ। ଅନ୍ୟ ପଡୋଶୀମାନେ ମଧ୍ୟ ଆସି ସାହାଯ୍ୟ ସହଯୋଗ କଲେ। ମାଆ ହସ୍ପିଟାଲରୁ ଫେରିବା ପର୍ଯ୍ୟନ୍ତ ଅନିତା ଭାଉଜ ରାନ୍ଧିବାଢି ଖାଇବାକୁ ଦେବା ସହ ସୋନି ଓ ସାନୁଙ୍କର ଦେଖା ଶୁଣା କରିଥିଲେ। ସୋନିର ଅଧିକାଂଶ ସମୟ ଅନିତା ଭାଉଜଙ୍କ ପାଖରେ କଟୁଥିଲା। ଅସୀମ ବାବୁଙ୍କର ବଦଳି ଚାକିରୀ। ତେଣୁ ସେମାନଙ୍କୁ ବାରମ୍ବାର ସ୍ଥାନ ପରିବର୍ତ୍ତନ କରିବାକୁ ପଡୁଥିଲା। ତଥାପି ଉଭୟ ପରିବାର ମଧ୍ୟରେ ଆଜି ପର୍ଯ୍ୟନ୍ତ ସୁସମ୍ପର୍କ ରହିଆସିଛି।

ସମୟ କ୍ରମେ ପିଲାମାନେ ବଡ ହୋଇଛନ୍ତି , ବାପାମାଆଙ୍କର ଦେହାନ୍ତ ହୋଇଛି । ଅସୀମ ବାବୁ ବର୍ତ୍ତମାନ କଲିକତା ମହାନଗରୀ ରେ ଅବସ୍ଥାପିତ । ସାନୁ ଏବର୍ଷ ଦିଲ୍ଲୀରେ ମେଡିକାଲ କଲେଜରେ ନାମ ଲେଖାଇଥାଏ। କଲିକତାରେ ଏକ ଆପାର୍ଟମେଣ୍ଟରେ ଅସୀମ ବାବୁ ପତ୍ନୀ ଓ ଝିଅକୁ ନେଇ ରହୁଥାଆନ୍ତି। ମହାନଗରୀରେ ଲୋକମାନେ ସବୁବେଳେ ବ୍ୟସ୍ତ । ଟିକିଏ ଛିଡା ହୋଇ କଥା ହେବାକୁ ସମୟ ନଥାଏ କାହାପାଖରେ। ଆପାର୍ଟମେଣ୍ଟରେ ଗୋଟିଏ ଛାତ ତଳେ ବିଭିନ୍ନ ପରିବାରର ଲୋକ ରହିଲେ ମଧ୍ୟ କେହି କାହାକୁ ଚିହ୍ନନ୍ତିନି। 'କରିଡୋର' କିମ୍ବା 'ଲିଫ୍ଟ'ରେ ଦେଖାହେଲେ ହାତ ହଲେଇ ହାଏ କି ହାଲୋ' କହି ପୁଣି ନିଜ କାମରେ ଲାଗିଯାଆନ୍ତି। ଅସୀମ ବାବୁଙ୍କ ପରିବାର ଏହି ପରିବେଶ ସହିତ ଅଭ୍ୟସ୍ତ ହେବାକୁ ଚେଷ୍ଟା କରନ୍ତି। ଥରେ ଅସୀମ ବାବୁ ବ୍ୟାଙ୍କର କାମରେ ଚାରିଦିନ ପାଇଁ କଲିକତା ବାହାରକୁ ଯାଇଥାଆନ୍ତି। ହଠାତ୍ ସୋନିର ମାଆଙ୍କର ଦେହ ଖରାପ ହେଲା। ନୂଆଜାଗା ଏବଂ ଏକୁଟିଆ ଥିବାରୁ ସୋନି ଖୁବ୍ ବିଚଳିତ ହୋଇଗଲା। ପାଖଘର ଚାଟାର୍ଜୀ ଆଣ୍ଟିଙ୍କୁ ଡାକି ମାଆଙ୍କ ଦେହ ଖରାପ କଥା କହିଲା। ଆଣ୍ଟି ସବୁ ଶୁଣି ଜଣେ ଡାକ୍ତରଙ୍କ ଠିକଣା ଦେଇ ମାଆଙ୍କୁ ଶୀଘ୍ର ନେଇଯିବାକୁ କହିଲେ ଓ ଅନ୍ୟ ଏକ ନମ୍ବର ଦେଇ କହିଲେ ଏଇଟା ଜଣେ କ୍ଲାଟେରର୍ ର ନମ୍ବର। ଯଦି ଖାଇବା ପାଇଁ କିଛି ଦରକାର ହୁଏ ଫୋନ୍ କଲେ ସେ ଆଣି ଘରେ ଦେଇଦେବେ।

ସୋନି ମନେ ମନେ ଅନିତା ମାଉସୀ ଏବଂ ଚାଟାର୍ଜୀ ଆଣ୍ଟିଙ୍କୁ ତଉଲୁ ଥିଲା ଏବଂ ସମୟ ଚକ୍ରରେ ପରିବର୍ତ୍ତିତ ସମ୍ପର୍କର ନିବିଡ଼ତାକୁ ପରଖୁଥିଲା।

ମୋବାଇଲ୍ ନମ୍ବର -- ୯୪୩୭୨୧୬୧୭

ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ଟୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ନଟି ଗାର୍ଲ

ଡକ୍ଟର ସଚ୍ଚିଦାନନ୍ଦ କର

ସେଦିନ ପ୍ରଥମ କରି ସେ ମୋ
ପାଖରେ ବସି ପଡ଼ିଲା ।
ପ୍ରଥମ ପ୍ରେମ !
ବୁଝି ପାରି ନ ଥିଲି ସେଦିନ।
ପ୍ରେମ ତ ସବୁ ଦିନେ ଅବୁଝା ପାଠ।
ଟିଉସନକୁ ଆସୁ ଆସୁ ବାଟରେ ତା'ର
ଲଣ୍ଠନ କାଚ ଭାଙ୍ଗି ଯାଇଥିଲା।
ଖୁବ୍ ଭଲ ଜଳୁଥିଲା ମୋ ଲଣ୍ଠନ ।
ବସିବାକୁ ମୋ ପାଖରେ ଜାଗାଟେ ବି
ଥିଲା । ସେ ବସୁ ବସୁ ତା'ର
ଦୁଇଟାଯାକ ବେଣୀ ଆଗକୁ ଝୁଲି ପଡି
ମୋତେ ଟିକେ ତା' ମନସ୍କ
କରିଦେଲେ।
କଥା ହେବାକୁ ସୁଯୋଗ ପାଇଲି।
କହିଲି - ' ପାଖକୁ ଲାଗି ବସ,
ଭଲ ଦିଶିବ। '
ସେ ହସିଦେଇ ପାଖକୁ ଲାଗି ବସିଲା।
ମୁଁ ଟିକେ ଅଧିକ ଖୁସି ଅନୁଭବ କଲି।
ପ୍ରଥମ ପ୍ରେମ ! କେଜାଣି ହୋଇଥିବ ।

- ' କାଚ ନ ଥିବା ଲଣ୍ଠନ ଥିବା ଯାହା ନ ଥିବା ସେୟା। ' ସେ ତା' ଲଣ୍ଠନ ଆଡ଼କୁ ଚାହିଁ କହିଲା ।
- ' କାଲି ନୂଆ କାଚ ଲଗାଇ ଦେବୁ। ବ୍ୟସ୍ତ କାହିଁକି ହେଉଛୁ ? ' ମୁଁ କହିଲି ।
ସେଦିନ ସାଙ୍ଗ ହୋଇ ପଡିଲୁ।

- ' ଆଜି ବି ତା'ର ଲଣ୍ଠନ କାଚ ଭାଙ୍ଗି ଥାଆନ୍ତା କି !
ପରଦିନ ଟିଉସନରେ ପହଞ୍ଚୁ ପହଞ୍ଚୁ ଭାବିଲି।
ତାହା ସତ ହେଲା। ସେ ଆସି ମୋ ପାଖରେ ବସିଲା। ତା' ହାତରେ ଥିଲା କାଚ ନ ଥିବା ଲଣ୍ଠନଟି। ପଚାରିଲି - ' ଆଜି ବି କାଚ ଭାଙ୍ଗିଗଲା ? '
- ' ହଁ,ଜାଣି ଜାଣି କିଏ ସେପରି କରେ କ'ଣ ? ' ଅଭିମାନ ଭରା ସ୍ୱରରେ ସେ କହିଲା।
ଆମେ ଦୁହେଁ ଗୋଟିଏ ଲଣ୍ଠନରେ ଲଗାଲଗି ହୋଇ ବସି ପଢୁଥିଲୁ।
ଏମିତିରେ ପ୍ରାୟ ସପ୍ତାହେ ବିତିଲା।
- ' କେଉଁଠି ତୋର ଲଣ୍ଠନ କାଚ ଏମିତି ଭାଙ୍ଗି ଯାଉଛି ? ' ଦିନେ ତାକୁ ପଚାରିଦେଲି ।
ସେ ଟିକେ ଥତମତ ହେଲା। କହିଲା - ' ତୋ ପାଖରେ ବସିଲେ ଭଲ ଲାଗୁଛି।
- ତୁ ପାଠ କହି ଦେଉଛୁ।
ସାର୍ ମୋତେ ଆଉ ଗଧୀ କହୁ ନାହାନ୍ତି । ଯେଉଁଠି କାଚ ଭାଙ୍ଗୁଛି ଭାଙ୍ଗୁ ।
- ତୋର କାହିଁକି ସେ ଚିନ୍ତା ? '
- ' ଏଇଟା ବାହାନା ତେବେ ? ' ମୁଁ କହିଲି । ସେ ମୁରୁକି ହସିଲା ।
ନିଜର ଇଚ୍ଛା ପୂରଣ ପାଇଁ ଯିଏ ଲଣ୍ଠନ କାଚ ଭାଙ୍ଗି ପାରୁଛି , କାଲି ଅନ୍ୟର ହୃଦୟ ଭାଙ୍ଗିବା ତା' ପାଇଁ ବଡ କଥା ହେବ କ'ଣ ! ଏମିତି ଭାବିବାକୁ ବାଧ ହେଲି।

ପରଦିନ ଜାଣି ଜାଣି ନିଜ ଲଣ୍ଠନର କାଚ ଭାଙ୍ଗିଦେଲି। ମନ ମାରି ବସିଲି ।
କାଚ ନ ଥିବା ଲଣ୍ଠନଟେ ଧରି ମୋ ପାଖରେ ପହଞ୍ଚିଲା ସେ । ତାକୁ ସଫା ସଫା କହିଦେଲି -' ଆଜି ମୋ ଲଣ୍ଠନର କାଚ ଭାଙ୍ଗି ଯାଇଛି । ତୁ କେଉଁଠି ବସୁଛୁ ବସ । ' ମୋତେ କିଛି ନ କହି ସେ ବାହାରକୁ ଦୌଡ଼ିଲା । କିଛି ସମୟ ପରେ ଜଳୁଥିବା ଲଣ୍ଠନଟିଏ ହାତରେ ଧରି ଆସି ମୋ ପାଖରେ ପହଞ୍ଚିଲା ଓ ମୋତେ ତାହା ଦେଖାଇ କହିଲା - ' ହେଲେ ମୋ ଲଣ୍ଠନର କାଚ ଆଜି ଭାଙ୍ଗିନି। ଆସ ଏବେ ମୋ ପାଖକୁ ଲାଗି ବସିଯାଅ। '
- ' ନଟି ଗାର୍ଲ। ' ମୋ ପାଟିରୁ ବାହାରିଗଲା।
- ସେ ମୁରୁକି ହସିଲା ..।

(ପ୍ରାଧାପକ ବରିଷ୍ଠ)
" ନିର୍ମାଲ୍ୟ " ନୂଆପଡା, ନୟାବଜାର, କଟକ - ୦୪

ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହରଣ୍ଟୁୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ପ୍ରଜ୍ଞାନ

ସୁଧୀରାଜ ରାଉତ

ଗଛଟି ଆସ୍ତେ ବଙ୍କେଇଯାଇ ଆକାଶ ଆଡ଼େ ଉଠିଯାଇଛି, ତା ଛାଇତଳେ ଶ୍ରୀଅରବିନ୍ଦଙ୍କ ପବିତ୍ର ସମାଧି । ଆକାଶରେ ଗ୍ରହ,ନକ୍ଷେତ୍ର ନୀରବ ଗତି ଭଳି ଲୋକସବୁ ଆସି ସମାଧିକୁ ପ୍ରଣାମ କରି ଯାଉଥାନ୍ତି । କିଏ ଅବା କେଉଁଠି ଅଟକି ଠିଆ ହୋଇ ନିବିଡ଼ ନୟନରେ ସମାଧିକୁ ଚାହିଁରହିଥାଏ, କିଏ ଅବା ବସିପଡ଼ିଥାଏ କେଉଁଠି ଯୋଗନିଦ୍ରାରେ । ସମାଧିରେ ଫୁଲସବୁ ସଜ୍ଜା ହେଉଥାଏ, ଧୂପ ଅର୍ପଣ ହେଉଥାଏ, କେତେ ନାଁ କେତେ ଗୁଣ୍ଡୁଚିମୂଷା ଗଛଉପରେ, ତଳେ ଖୁସିରେ ଖେଳ ଖେଳୁଥାନ୍ତି କିନ୍ତୁ ସବୁକିଛି ସମାହିତ ହେଉଥାଏ ନିରବତାର ପ୍ରଗାଢ଼ ଆଲିଙ୍ଗନ ମଧ୍ୟରେ । ପ୍ରଜ୍ଞାନ ସେଇଭଳି ସମାଧିକୁ ଚାହିଁ ବସିଥାନ୍ତି ତାଙ୍କ ମନର ଅଶାନ୍ତ ଭାବନାସବୁ ଶାନ୍ତ, ପ୍ରଶାନ୍ତ, ପୁଲକରେ ଭରି ଉଠୁଥାଏ ।



ନୀରବରେ ସେ ଉଠିଲେ, ପୂର୍ବରୁ ବାପାଙ୍କ ସହ ଆସିଥିବା ଅଭିଜ୍ଞତା ତାଙ୍କୁ ସମୁଦ୍ରରୁ ସୂର୍ଯ୍ୟୋଦୟ ଦେଖିବାକୁ ଡାକିଲା ...ପହଁଞ୍ଚିଲେ ସମୁଦ୍ର କୂଳରେ । ସୂର୍ଯ୍ୟୋଦୟ ହେବାକୁ ବାକିଥାଏ କେଇ ମୁହୂର୍ତ୍ତ, ଦେଖିଲେ ୨୦/୨୨ ବର୍ଷର ପିଲାଟିଏ ନୂଆଦାଢି ଗଜୁରିଆସୁଛି, ଆଖିରେ ତାର ଚମକ୍ ଅନେକ .. ତିନୋଟି କୁକୁରକୁ ଅତି ସ୍ନେହ ଆଦରରେ ବିସ୍କୁଟ୍, କେକ୍ ଖୁଆଉଥାଏ , ତାଙ୍କମାନଙ୍କ ସହ ଖେଳୁଥାଏ । "ଏ ସବ୍ ଆପ୍ କା ?" ପ୍ରଜ୍ଞାନ ପ୍ରଶ୍ନ କଲେ । ଯୁବକ କେଇ ମୁହୂର୍ତ୍ତ ନୀରବରେ ତାଙ୍କୁ ଚାହିଁ କହିଲା " ମୋଁ ଖୁଦ୍ ତୋ ମେରା ନେହିଁ ହୁଁ, ଏସବ୍ କୈସେ ମେରା ହୋଙ୍ଗେ ? " ଏ ଯକ୍ଷ ପ୍ରତିପ୍ରଶ୍ନରେ ତାଙ୍କୁ ଲାଗିଲା କେବଳ ଆଲୋକ - ଆନନ୍ଦ - ନୀରବତାର ମହାସ୍ତମ୍ଭ ଶ୍ରୀଅରବିନ୍ଦଙ୍କ ସମାଧି ନୁହେଁ.. ପଣ୍ଡିଚେରୀର ଗୋଡ଼ି ବାଲି.. ଗଛ,ମଣିଷ .. ସାଗର ,ପବନ ସବୁ ସତେ ଅବା ନିଜ ଭିତରେ ଏକ ବିପୁଳ ପରିବର୍ତ୍ତନକୁ ପ୍ରକାଶ ପାଇଁ ପ୍ରୟାସରତ ।

ପ୍ରଜ୍ଞାନ ଯୁବକ ଠାରୁ ମୁହଁ ଫେରାଇ ସମୁଦ୍ର ଆଡ଼େ ଚାହିଁଲେ, ସମୁଦ୍ର ଜଳ ସ୍ୱର୍ଣ୍ଣିଭ ହୋଇ ଉଠିଲା, ସ୍ୱର୍ଣ୍ଣିଭ ସୂର୍ଯ୍ୟଦେବ ଦୃଶ୍ୟମାନ ହେଲେ ... ତାଙ୍କୁ ଲାଗିଲା ଗାୟତ୍ରୀମନ୍ତ୍ରର ଈଶ୍ୱର ସୂର୍ଯ୍ୟଦେବ ମନ୍ତ୍ରଟିଏ ଗାଉଥାନ୍ତି " ଓ ନମଃ ଭଗବତେ ଶ୍ରୀଅରବିନ୍ଦାୟ " ପ୍ରଜ୍ଞାନଙ୍କ ଚକ୍ଷୁଦୁଇ ଧିରେ ବନ୍ଦ ହୋଇଗଲା .. ଦେଖିଲେ ସେ ନିଜ ଭିତରେ ଏକ ସୂର୍ଯ୍ୟୋଦୟ ... ଦେଖିଲେ ସେଇ ସୂର୍ଯ୍ୟର ପ୍ରଚଣ୍ଡ ଆଭାରେ ପୋଡ଼ି ଯାଉଛି ଡିର୍ଭସ୍ ପେପର୍ .. ପୋଡ଼ି ଯାଉଛି କେତେ ଅଳନ୍ଦୁ ଆଉ ଅନ୍ଧାର .....।

ଡିର୍ଭସ୍ ପେପରରେ ସାଇନ୍ ମାରିବା ପୂର୍ବରୁ ବୋଉ କହିଲା " ପଣ୍ଡିଚେରୀ ଯା , ମାଙ୍କୁ ସବୁକଥା କହିବୁ, ତୋ ବାପା ଥିଲେ ତୋତେ ଏହାହିଁ କହିଥାନ୍ତେ । "

ଇନ୍ଦ୍ରାବତୀ ,ନବରଙ୍ଗପୁର

ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହରିଣ୍ଟୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଅନୁତାପର ଅଶ୍ରୁ

ତାପ୍ତିମୟୀ ପଣ୍ଡାମିଶ୍ର

ସବୁଦିନ ପରି ପୂଜା ସାରି ମନ୍ଦିର ଭିତରେ ଟିକେ ବସିଯାଇଛି ଅଞ୍ଜୁ ।
କିନ୍ତୁ ଆଜି ତା ନୀରିହ ମୁହଁ କୁ ଚାହିଁଲେ ଲାଗୁଛି ଯେମିତି ଅନେକ କିଛି କହିବାକୁ ଚାହୁଁଛି ପ୍ରଭୁ ଜଗନ୍ନାଥଙ୍କୁ ।
-"ଆଲୋ ଅଂଜୁ ଘରକୁ ଯିବୁନି କି?? ମନ୍ଦିର ପୁଜାରୀର ଡାକରେ ଚମକି ପଡିଲା ଅଞ୍ଜୁ ।
ଅଞ୍ଜୁ " ହୁଁ " ଟେ ମାରି ଏକା ନିଶ୍ୱାସେ ଘରେ ଆସି ପହଁଚିଲା ସେ ଜାଣିନି ।

" ଧେତ୍ ତେରିକି,ଏତେ ବେଳ ଯାଏଁ କେଉଁଠି ଥିଲୁ? କାହା ସହ ଗପୁଥିଲୁ ?? ତୋର ସମୟ ଜ୍ଞାନ ନାହିଁ କି? ଖାଇବାକୁ ଦେବୁନି କି ? ରଡୁଛନ୍ତି ବିକାଶ ବାବୁ। ହଁ, ଯାଉଛି କହି ଅଞ୍ଜୁ ପୂଜା ଝୁଡିକୁ ଟେବୁଲ ଉପରେ ରଖିଦେଇ ରୋଷେଇ ଘରେ ପହଞ୍ଚିଲା । ଶୀଘ୍ର ରାନ୍ଧିଲେ ସ୍ୱାମୀ ଖାଇ ଅଫିସ୍ ଯିବେ। ଶୀଘ୍ର ଶୀଘ୍ର ହାତ ଚଲାଇଲା। ଠିକ୍ ଏତିକି ବେଳେ ତା ପୁଅର ପାଟି ଶୁଭିଲା " ମାଁ..ମାଁ ...ମୋ ସ୍କୁଲ ସାର୍ଟଟା ଆଇରନ୍ ହୋଇନାହିଁ । ଅଞ୍ଜୁ କୁ ଭାରି ବ୍ୟତିବ୍ୟସ୍ତ ଲାଗିଲା । ମେସିନ୍ ପରି ତା ଜୀବନ। ସକାଳ ୪ ଟାରୁ ଉଠିଲେ ରାତି ୧୨ ଟା ଯାଏଁ ଖଟଣି। ତା ସାଙ୍ଗକୁ ବିକାଶ ବାବୁଙ୍କ ଅସହ୍ୟ ଭର୍ସନା । ବହୁତ ବଦରାଗୀ ସିଏ । ଛୋଟ ଛୋଟ କଥାରେ ରାଗିଯାନ୍ତି । କେବେବି ତା ମନକୁ ବୁଝିବାକୁ ଚେଷ୍ଟା କରନ୍ତିନି । ସତେ ଯେମିତି ସେ ତାଙ୍କ ରିମୋଟ୍ କଣ୍ଟ୍ରୋଇ ।

ଆଜି ସକାଳଟାରୁ ତା ମୁଣ୍ଡଟା ରିମଝିମ୍ କରୁଛି । ଦେହ ତାତିରେ ଖଇ ଫୁଟୁଛି ।ସାରା ରାତି ଜ୍ୱରରେ କମ୍ପିଛି ଶୋଇ ପାରିନି । ସକାଳ ୫ ଟା ହେଲାଣି। ଅନିଚ୍ଛା ସତ୍ତ୍ୱେ ସେ ଖଟରୁ ଉଠି ପଡିଲା । କଷ୍ଟେମଷ୍ଟେ ବାସି ପାଉଟି ସାରି ନିତ୍ୟ କର୍ମ ସାରିଦେଲା । ରୋଷେଇ ଘରକୁ ପଶୁ ପଶୁ ବିକାଶ ବାବୁଙ୍କ ପାଟି ଶୁଭିଲା "ଆଜି ଆମ ଘରକୁ ମୋ ସାଙ୍ଗ ମାନେ ଖାଇବାକୁ ଆସିବେ । ତାଙ୍କ ପାଇଁ ଭଲ କରି ରୋଷେଇ କରିବୁ ଯେମିତି ମୋ ସମ୍ମାନ ତଳେ ନ ପଡେ । କଣ ଆଉ କରିବ ବିଚାରୀ ! ସିଧା ହୋଇ ବି ଛିଡା ହୋଇ ପାରୁନି । ଜରୁଆ ଦେହ ସାଙ୍ଗକୁ ଦୁର୍ବଳ ଶରୀର । ଦେଖି ବି ଅଣଦେଖା କରନ୍ତି ବିକାଶ ବାବୁ। ବହୁତ ଅବହେଳା ମଧ୍ୟ କରନ୍ତି ତା ପ୍ରତି । ଅଞ୍ଜୁ ମନେ ମନେ ଭାବେ ମଣିଷ କଣ ସତରେ ଏତେ ସ୍ୱାର୍ଥପର ହୋଇପାରେ ? ନିଜର ଦୁଃସ୍ଥ ଅବସ୍ଥା ଭାବିବା ପାଇଁ ତା ପାଖରେ ଆଉ ସମୟ ନାହିଁ ଯେମିତି । ଧଡପଡ ହୋଇ ରୋଷେଇ ଘରକୁ ପଶିଯାଏ...।

ବିକାଶ ବାବୁଙ୍କ ନିର୍ଦ୍ଦେଶ କ୍ରମେ ଅଞ୍ଜୁ ଡାଇନିଙ୍ଗ ଟେବୁଲ ଉପରେ ସଜେଇ କି ରଖିଦିଏ -"ମୋଡର୍ନ ଆଇଟମ୍" ସବୁ ।
କିନ୍ତୁ, ଦେହଟା ତାର ରିମଝିମ୍ କରି ଅବଶ ହୋଇଗଲାଣି । ମୁଣ୍ଡ ବୁଲାଉଛି । କାମ ଭାର ଓ ଦେହରେ ୧୦୪ ଡିଗ୍ରିରୁ ଅଧିକ ଜ୍ୱର ।
ନିଘା ନାଇଁ । ମୁଣ୍ଡ ବୁଲାଇ ତଳେ ପଡିଗଲା ସେ ବେଡ୍ ପାଖରେ ।

ହସ ଖୁସିର ଲହରୀ ଖେଳୁଛି ଡ୍ରଇଂ ରୁମ୍ ଟିରେ । ବିକାଶ ବାବୁ ଓ ତାଙ୍କ ସାଙ୍ଗମାନଙ୍କ ବିଳାସପୂର୍ଣ୍ଣ ବାର୍ତ୍ତାଳାପ ରୁମଟିକୁ ପ୍ରକମ୍ପାଇ ଦେଉଛି । କିଏ ଜଣେ କହୁଛି " ଜୀବନକୁ ଉପଭୋଗ କରିବା କଥା । ଯେତେଦିନ ବଞ୍ଚିଛୁ ଖାଇପିଇ ମସଗୁଲ ରହି ନିଜକୁ ଭୁଲିଯିବା ।"
ବାଃ ବାଃ ! ବିକାଶ ମାନିବାକୁ ପଡିବ ମ୍ୟାଡମ୍ ଙ୍କ ହାତରନ୍ଧା । ବିକାଶର ଓଠରୁ ଛଳନାର ହସଟେ ପିଚିକି ପଡିଲା । ସମସ୍ତେ କାମ ବାହାନରେ ବାହାରି ଗଲେ । ବନ୍ଧୁମାନଙ୍କୁ ବିଦାୟ ଦେବାକୁ ଅଞ୍ଜୁ ଆସିଲାନି ,ଏହି ଅପମାନରେ- ତୋଫାନ୍ ପରି ରକ୍ତ ଚାଉଳ ଚୋବାଇ ଘର ଭିତରକୁ ପଶିଯାନ୍ତି ବିକାଶ । ହେଲେ ...କଣ ଦେଖୁଛନ୍ତି । ଅଞ୍ଜୁ ମୁହଁ ମାଡି ତଳେ ବେହୋସ୍ ପଡିଛି । ପାଖକୁ ଯାଇ ଲାତେ ଦେଇ ଅଞ୍ଜୁ- ଅଞ୍ଜୁ ଡାକି ତା ଦେହରେ ହାତ ମାରି ତାକୁ ଉଠାଇବାକୁ ଚେଷ୍ଟା କରନ୍ତି ଭର୍ସନା କରିବାକୁ । ହେଲେ ... ସେହି ଅଞ୍ଜୁ ଡାକ ପବନରେ ଯାଇ ପବନରେ ହିଁ ଫେରି ଆସୁଛି । ନୀରବତା ଛାଇ ଯାଇଛି ରୁମଟା ସାରା... ।
ଥମିଯାଇ ବସିପଡିଲେ ବିକାଶ ।ଓଃ !
ସତରେ ଅନ୍ୟକୁ କଷ୍ଟ ଦେଇ ନିଜେ ହସଖୁସି ରେ ରହିବାଟା କଣ ପ୍ରକୃତ ଜୀବନ ? ଏଇଟା କଣ ମଣିଷ ପଣିଆଁ ? ମାନସିକ ଅସ୍ଥିରତା ଭିତରେ ଦୀର୍ଘଶ୍ୱାସଟେ ନେଲେ ବିକାଶ । ଆଖିରୁ କେଇଟୋପା ଲୁହ ସେତେ ଯେମିତି ତାକୁ ଶତ ଧିକ୍କାର କରି ଗଡି ଯାଉଥିଲା ।
ତାଙ୍କ ଭିତରର ଅସୁର ସତେ ଯେମିତି ମରିଯାଇଛି ।
- ଉଁ ଉଁ ଉଁ ଅଞ୍ଜୁ ପାଟିରୁ ଶବ୍ଦ ଶୁଣି ବିକାଶ ତାକୁ ନେଇଗଲେ ହସ୍ପିଟାଲ ।
-ସ୍ଟ୍ରାଲେନ୍ ସରି ସରି ଆସୁଛି । ଆଖି ଖୋଲିଲା ଅଞ୍ଜୁ । ବିକାଶ କିଛି କହିବା ଆଗରୁ ତାଙ୍କ ହାତଧରି କହିଲା , କି ଭାଗ୍ୟ ମୋର, ମୁଁ ଏହା ହିଁ ଖୋଜୁଥିଲି । ଟିକେ ସ୍ନେହ, ଟିକେ ଭଲପାଇବା ...
ଅଞ୍ଜୁ ର ଆଖି କୋଣରୁ ଝରୁଥିଲା ତୃପ୍ତିର ପ୍ରେମାଶ୍ରୁ ଓ ବିକାଶ ଆଖିରେ ଅନୁତାପର ତତଲା ଅଶ୍ରୁ ....।

ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହରିଣ୍ଟୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ଉପସଂହାର..

ତ୍ରିଲୋଚନ ପଣ୍ଡା

ଏଇ କିଛି ଦିନ ତଳେ ଗାଁ ଆଡେ ଯାଇଥିଲି ।

ପଚାଶ ବର୍ଷ ତଳୁ ସହରରେ ଆସି ରହିବା ଦିନରୁ ମାସକେ ଥରେ ଗାଁ ଆଡେ ବୁଲି ଆସିବା ଏକ ପ୍ରକାର ଅଭ୍ୟାସରେ ପଡି ଯାଇଥିଲା ଏବଂ ସେପରି ଅଭ୍ୟାସର କାରଣ ଥିଲେ ବାପା । ସରକାରୀ ଘର ମିଳିଲା ପରଠାରୁ ଗାଁରୁ ଆସି ବାପା ମୋ ପାଖରେ ରହିଲେ । ତା'ପରଠାରୁ ଛ ମାସରେ ବା ବର୍ଷକୁ ଥରେ ଗାଁ ଆଡେ ବୁଲି ଆସୁଥିଲି । ଦଶ ବର୍ଷ ତଳେ ବାପାଙ୍କର ସ୍ୱର୍ଗବାସ ହେଲା ପରେ ବି ଏବେ ବର୍ଷେ ବା ଦୁଇ ବର୍ଷରେ ଥରେ ବୁଲି ଆସୁଛି । ଏଇ କିଛି ଦିନ ତଳେ ସେମିତି ବୁଲି ଯାଇଥିଲି ।

ଗାଁ ଆଡେ ବୁଲିଗଲେ ପଡୋଶୀ ବା ପରିଚିତଙ୍କ ଘର ଆଡେ ବୁଲିଆସିବା, ଦୁଃଖ ସୁଖ ଦି ପଦ ହେବା ମୋର ଆଗରୁ ଅଭ୍ୟାସ ଥିଲା ଏବଂ ଏବେ ବି ଅଛି । ଟିଭି ଆସିଲା ପରଠାରୁ ଏ ଅଭ୍ୟାସ ମୋତେ ବହୁ ପରିମାଣରେ କମେଇବାକୁ ପଡିଛି କାରଣ ପ୍ରତି ଘରେ ଟିଭିରେ ପ୍ରସାରିତ ବହୁ ଧାରାବାହିକରୁ କୌଣସି ଗୋଟିଏ ଶାଶୁଙ୍କର ପସନ୍ଦ ତ ଅନ୍ୟ ଗୋଟିଏ ବୋହୂରା ତେଣୁ ଦିନର ଯେ କୌଣସି ସମୟରେ କାହାରି ଘରେ ପହଞ୍ଚିଲେ ବଡ ପାଟିରେ କଥା ହେବାକୁ ମନା ।

ବାପାଙ୍କର ସମ ବୟସ୍କ କିନ୍ତୁ ବର୍ଷଟିଏ ସାନ ନୟନ ଦାଦା ଘରେ ଏ ସମସ୍ୟା ନ ଥାଏ । ତାଙ୍କର ଦୁଇ ପୁଅ ଚାକିରି କରି ପିଲାମାନଙ୍କୁ ଧରି ସହରରେ । ଟିଭି ଦେଖିଲେ ଆଖି ଶୀଘ୍ର ଖରାପ ହୋଇଯିବ କହି ପିଲାମାନେ ବୁଢାବୁଢୀଙ୍କ ପାଇଁ ଟିଭି କିଣି ଦେଇନାହାନ୍ତି ବୋଲି ଦୁହେଁ କହିଥିବା ମୋର ମନେ ଅଛା ତେଣୁ ତାଙ୍କ ଘରକୁ ଦିନର ଯେ କୌଣସି ସମୟରେ ଗଲେ ଆରାମରେ ବସି ଦୁଇ ପଦ ଦୁଃଖ ସୁଖ ହୋଇପାରେ ।

ସେ ଦିନ ସେମିତି ଦାଦା ଦାଦୀଙ୍କ ଘର ଆଡେ ବୁଲି ଯାଇଥିଲି । ଦିନ ପ୍ରାୟ ଏଗାର ବାଜିବ । ଦିନଖିଆ ପାଇଁ ଘରେ ରୋଷେଇ ଆରମ୍ଭ ହେବାର ସୂଚନା ମଧ୍ୟ ନାହିଁ । ଦାଦା ଚୁଲିଆଡେ ଏକ ଲୟରେ ଚାହିଁ ବସିଛନ୍ତି, ଦାଦୀ ଚୁଲିରେ ବସେଇଛନ୍ତି ଚା' । ଆଦରରେ ଡାକି ଦାଦା ପାଖରେ ବସେଇଲେ । ଭାବିନେଲି ଗାଈ ଖିରଦିଆ ବହଳ ଚା କପେ ମିଳିଯିବ ।

କିନ୍ତୁ ଯାହା ମିଳିଲା ନିଜକୁ ବିଶ୍ୱାସ କରି ପାରିଲି ନାହିଁ । କେବଳ ନାଲି ଟୁକୁ ଟୁକୁ ଚା । ଦାଦୀ ଆଣି ପାଖରେ ଭୁଜା ପୁଳେ ରଖିଦେଲେ । ଚା ଓ ଭୁଜାକୁ ଦେଖି ମୋ ଚକିତ ଚାହାଣୀକୁ ଦାଦା ପଢିନେଲେ ଏବଂ କହିଲେ, ବୁଝିଲୁ ବାପା, ଆଜିକାଲି ଆଉ ଖିରଦିଆ ଚା ଆମେ ପିଉନୁ । ଅଧିକାଂଶ ସମୟରେ ରୋଷେଇ ବି କରୁନୁ । କାରଣ ଆଉ ପଚାରେନା । ମୁଁ ନିଜେ କହୁଛି ଶୁଣ । ପିଲାମାନେ ଖବର ପଠେଇଛନ୍ତି ଦୀପାବଳିକୁ ଆସିବେ ।

ଏ ଘର ବିକିବାର ବନ୍ଦୋବସ୍ତ କରିବେ । ସହରରେ ରହିବାକୁ ତାଙ୍କର ଘର କିଣିବା ଦରକାର । ସେମାନଙ୍କୁ ଟଙ୍କା ପଇସାର ଘୋର ଅଭାବ କାଳେ । ତେଣୁ ଆମେ କିଛିଦିନ ହେଲା ନାଲି ଚା ଆଉ ଭୁଜାରେ ଚଳିବାକୁ ଅଭ୍ୟାସ କରୁଛୁ । ପିଲାମାନେ ଆସିଲେ ସବୁ ବିକିଦେଲେ ବି ପ୍ରତିବାଦ କରିବୁନି, କେବଳ ଖାଲି ପଡିଥିବା ଗୁହାଳ ଘରଟାକୁ ନ ବିକିବା ପାଇଁ ଅଳି କରିବୁ । ମଧୁବାବୁ ପେନସନ ଯୋଜନାରେ ମିଳୁଥିବା ଟଙ୍କାରେ ଶେଷଯାଏ ଚଳିଯିବୁ ବୋଲି ବୁଢାବୁଢୀ ଦୁହେଁ ଭରସା ରଖିଛୁ ।

କହିବାକୁ କିଛି ନ ଥିଲା । ଆଖିଏ ଲୁହ ନେଇ ପଛକୁ ଫେରିଲା ବେଳେ ଭାବୁଥିଲି, ସରକାରୀ ଘର ପାଇଲା ପରେ ଯଦି ବାପାଙ୍କୁ ନେଇ ପାଖରେ ରଖି ପୁଅର କର୍ତ୍ତବ୍ୟ କରି ନ ଥାନ୍ତି, ସହରରେ ଘର କରିବାର ନିଶା ମୋ ମଥାରେ ବସିଥିଲେ, ମୋ ବାପାଙ୍କୁ ବୋଧେ ଏମିତି ନାଲି ଚା ପିଇବାର ଅଭ୍ୟାସ କରିବାକୁ ପଡିଥାନ୍ତା ।

। ଯୋଗାଯୋଗ..୯୪୩୯୧୯୭୫୬୦ ।

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ସୃଜନୀ ପରିବାର,ଚେନ୍ନାଇ
ହରଣ୍ଟୁୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ହଜି ଯାଇଥିବା ଝିଅ

ଲତିକା ବିଳାସ

ଦୀର୍ଘ ଦେଢ ବର୍ଷ ପରେ ଫେରି ଆସିଛି ହଜି ଯାଇଥିବା ଝିଅଟି ।
ତାକୁ ଦେଖିବାକୁ ଘରେ ଅସମ୍ଭବ ଗହଳି । ପ୍ରିଣ୍ଟ ମିଡିଆ ଠାରୁ ଆରମ୍ଭ କରି ଇଲେକ୍ ଟ୍ରୋନିକ୍ସ ମଡିଆ ପର୍ଯ୍ୟନ୍ତ ସମସ୍ତେ କ୍ୟାମେରା ଟେକି ଠିଆ ହୋଇ ଯାଇଛନ୍ତି । ତା' ପାଖରେ ଠିଆ ହେବା ବାହାନାରେ ଫଟୋ ଉଠାଇବାର ବିକଳ ପ୍ରତିଦ୍ୱନ୍ଦିତା ଆରମ୍ଭ ହୋଇ ଯାଇଛି ଜମା ହୋଇ ଥିବା ଲୋକମାନଙ୍କ ମଧ୍ୟରେ । ସାଥି ସଙ୍ଗାତ , ବନ୍ଧୁ କୁଟୁମ୍ବ ନିଜ ନିଜର ଖୁସି ଜଣଉଛନ୍ତି ସେମାନଙ୍କ ଆଡକୁ ମୁହଁ ଲମ୍ବେଇ ଥିବା ମାଇକ୍ରୋଫୋନ୍ ରେ ।

ଝିଅଟି କେବେବି କଳ୍ପନା କରି ନଥିଲା ତା' ସ୍ୱାଗତ ଏତେ ଆଡମ୍ବରରେ ହେବ । ସତେ କି ସେ ଏ ଗାଁ ର ଝିଅ ନୁହେଁ, ଗୋଟେ ବଡ ସେଲିବ୍ରିଟି । ତା' ପାଇଁ ଗାଁରେ କେତେ ଉତ୍ସାହ, ଉଦ୍ଦୀପନା । କେତେ ସମ୍ବର୍ଦ୍ଧନା ସଭା ।

ଏସବୁ ଦୃଶ୍ୟ ଶରୀରର ଉପର ଭାଗ ଭଳି ଭାରି ସୁନ୍ଦର , ଲୋଭନୀୟ । ମାତ୍ର ବାସ୍ତବରେ ଝିଅଟି ହୋଇ ଯାଇଛି ଏକଦମ୍ ନିଃସଙ୍ଗ । ବାଟ ଭୁଲିଯାଇଥିବା ହାତୀ ଛୁଆଭଳି ସେ ବି ନିଜ ସମାଜରେ ଅଛୁଆଁ, ଅଦରକାରୀ ଏବେ ।

ତା'ସହିତ ପୂର୍ବ ଭଳି ଆଉ ମିଶୁ ନାହାଁନ୍ତି ସାଙ୍ଗ ସାଥି। ବାଟ ଭାଙ୍ଗି ଚାଲି ଯାଉଛନ୍ତି ପାଖ ପଡୋଶୀ । ଗୁମୁରି ଗୁମୁରି କାରଣଟା ଆସି ବାଜି ଯାଏ ତା' କାନରେ । " ସେ ଆଉ କ'ଣ ଦେଢ ବର୍ଷ ପୂର୍ବର ଝିଅ ହୋଇ ରହିଛି ? ବୋପାଲୋ ; ଆଜିକାଲି ଯେଉଁ କାଳବେଳା - ବାପ , ଭାଇ ଙ୍କୁ ପରା ବିଶ୍ୱାସ ନାହିଁ। ସେ ମ୍ୟାନେଜର ଟା ଏମିତି କେଉଁ ସାଧୁ ମହାତ୍ମା କି ?? ଦେଢ ବର୍ଷ ମନର ସାଧ ,ଓରମାନ ମେଣ୍ଟାଇ ମନବୋଧ ପରେ ଆଣି ଛାଡି ଦେଇଛି । କହିଲା କ'ଣ ନା... ତା' ସ୍ମରଣ ଶକ୍ତି ଚାଲି ଯାଇଥିଲା। , ଏବେ ଫେରିଛି । ହୁଁ.. ଉଁ.. ଉ..କାହାଣୀ ଶୁଣଉଛି। ଏତେ ବଡ ଦୁର୍ଘଟଣା ଘଟିଲା , ଅଥଚ ଦେହ ମୁଣ୍ଡ ରେ ଦାଗ ଟିକିଏ ନାହିଁ ?? ମାଆ, ବାପାଙ୍କ ମୁଣ୍ଡ ରେ ଚଡକ । କିଏ ଆଉ ବୋହୂ କରି ନେବ ୟାକୁ ? ସାରା ଜୀବନ ମୁଣ୍ଡ ରେ ବୋଝ ହୋଇ ରହିଯିବ ସିନା ?

ସେ ବୁଝି ପାରୁନି କାହାକୁ କେମିତି ବୁଝେଇବ ? କିଏ ବା ବିଶ୍ୱାସ କରିବ ତା' କଥାରେ ! ?
ସେଦିନ ଖରାବେଳେ ଏକାକୀ ସ୍କୁଲ ରୁ ଫେରୁଥାଏ ସେ । ହଠାତ୍ ତା' ସାଇକେଲ କୁ ଧକ୍କା ଦେଲା ଗୋଟେ, ମୋଟରସାଇକେଲ । ସେ ଛିଟିକି ପଡିଲା କେତେ ଦୂର କୁ । ରାସ୍ତା ନିଛାଟିଆ ଥିବା ଦେଖି ନିଜ ଭୁଲ ଲୁଚାଇବାକୁ ଅପରାଧୀ ସିନା ଜୀବନ ଧରି ପଳାଇ ଯାଇଥିଲା କିନ୍ତୁ ସେତେବେଳେ ସେହି ବାଟ ଦେଇ ଯାଉଥିବା ମ୍ୟାନେଜର ବାବୁ ମୁହଁ ଫେରେଇ ଯାଇ ପାରିଲେନି । ସେ ତାକୁ ନିଜ ଗାଡିରେ ନେଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ସଂଜ୍ଞାହୀନ ଅବସ୍ଥାରେ । ଧାନ ବିଲ ମଧ୍ୟରେ ଛନ ଛନ କଅଁଳ ଧାନ ଗଛ ଉପରେ ପଡିଥିବାରୁ ଶରୀର ର ସିନା ବିଶେଷ କ୍ଷତି ହେଲାନାହିଁ କିନ୍ତୁ ମସ୍ତିଷ୍କ ରେ ଗଭୀର ଆଘାତ ଲାଗି କୋମା'କୁ ଚାଲି ଯାଇଥିଲା ସେ ।

ପୁରା ନଅମାସ ପରେ ସେ କୋମାରୁ ଫେରିଲା । ହେଲେ ତା' ର କ'ଣ ମନେ ପଡୁଥିଲା କିଛି ? ଡାକ୍ତର ବାବୁ ବି ମୁଣ୍ଡ ଉପରେ ଅଧିକ ଜୋର୍ ଦେବାକୁ ବାରଣ କରୁଥିଲେ । ଖୁବ୍ ମନ୍ଥର ଗତିରେ ଫେରୁ ଥିଲା ଅତୀତଟା । ସେତେବେଳେ ସେ ଦେଖିଛି କେମିତି ଦେବଦୂତ ଭଳି ତା' ପିଛାରେ ଅର୍ଥ ବ୍ୟୟ କରି ଚାଲିଛନ୍ତି ମ୍ୟାନେଜର ବାବୁ। ବାପା ଭଳି ଜଗି ରହିଛନ୍ତି ରାତି ରାତି । ମାଆ ଭଳି ସେବା କରିଛନ୍ତି ଦିନ ଦିନ । ଭାଇ ଭଳି ସାହସ ଦେଇଛନ୍ତି ମାସ ମାସ । ସାଙ୍ଗ ଟିଏ ଭଳି ସଖ୍ୟ ଦେଇଛନ୍ତି ଦୀର୍ଘ ଦେଢ ବର୍ଷ । ତା 'ପାଇଁ ବୋଲି ସେହି ଦେବ-ପ୍ରତିମ ମ୍ୟାନେଜର ବାବୁଙ୍କ ଚରିତ୍ରରେ ଆଜି ସିନା ଲୋକଙ୍କ ପ୍ରଶ୍ନ ଚିହ୍ନ ।

ଦୁନିଆ ରେ କ'ଣ ସବୁ ମଣିଷ ସ୍ୱାର୍ଥପର ? ସମସ୍ତେ ନଷ୍ଟ ଚରିତ୍ର ?? ହୁଏତ ନାଁ । ଗ୍ରହ, ଉପଗ୍ରହ କି ଗ୍ରହାଣୁପୁଞ୍ଜ ଭଳି ଅସଂଖ୍ୟ ନହେଲେ ମଧ୍ୟ ସୂର୍ଯ୍ୟ ଭଳି ଏଇ ଜଣେ ଜଣେ ବ୍ୟକ୍ତି ପାଇଁ ଧର୍ମ ବଞ୍ଚିଛି , ଦିନ ରାତି ହେଉଛି ।

ତା' ହେଲେ ତାକୁ ନେଇ ଏତେ ଆଲୋଚନା, ସମାଲୋଚନା କାହିଁକି ? ଆର ଗାଆଁ ଗୋବିନ୍ଦ ଗୁଡିଆ ବିବାହର ମାସେ ନ ପୁରୁଣୁ ନିଜ ନବ ବିବାହିତା ସ୍ତ୍ରୀ କୁ ଛାଡି କେଉଁଆଡ଼େ ଚାଲିଗଲା । ଫେରିଲା ପାଞ୍ଚ ବର୍ଷ ପରେ । କାହିଁ ତା' ପରିବାର ତ ପଚାରି ନଥିଲା ତା' ଘର ଛାଡି ଚାଲିଯିବାର କାରଣ । ବର୍ଷ ବର୍ଷ ବିରହରେ ଜଳୁଥିବା ତା' ପତ୍ନୀ କାହିଁ ତ ଖୋଜି ନ ଥିଲା ବିସ୍ମୟର ପ୍ରମାଣ । ସର୍ବୋପରି ସମାଜ ତ କାହିଁ ମାଗି ନ ଥିଲା ସେହି ପାଞ୍ଚ ବର୍ଷ ର ଠିକଣା ।

ତା' ଦେହରେ କ୍ଷତ ର ଚିହ୍ନ ନାହିଁ - ଏଇଟା ସମସ୍ତେ ଦେଖିପାରିଲେ । ହେଲେ ତା' ଚରିତ୍ର ବି ଅକ୍ଷତ, ନିର୍ମଳ ଏ କଥା କେହି ଦେଖି ପାରିଲେ ନାହିଁ କେମିତି? ଗାଆଁ କଥା ମନେ ପଡିଗଲା ପରେ ସେ ପାଗଳି ପରି ଛୁଟି ଆସିଥିଲା । ଭାବିଥିଲା , ନିଜ ପ୍ରିୟ ପରିଜନଙ୍କ ସହିତ ଛିଡି ଯାଇଥିବା ସଂପର୍କ ଯୋଡି ଶାନ୍ତିରେ ନିଃଶ୍ୱାସ ଛାଡିବ । ହେଲେ ହାୟ.... ଆଜି ସେ ଭାବୁଛି ,ତା'ର ସ୍ମୃତି ଶକ୍ତି କେବେ ଫେରି ଆସି ନଥା'ନ୍ତା ହେଲେ ..ସେ ସବୁଦିନ ପାଇଁ ସେଇ ହଜି ଯାଇଥିବା ଝିଅ ହୋଇ ରହି ଯାଇଥାନ୍ତା ହେଲେ ...।

ଭଟଲି ଛକ , ବରଗଡ଼,

ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହରିଣ୍ଟୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ବର୍ଷାରେ ମନେପଡେ..

ମନୋରମା ମିଶ୍ର

ମୋନା ଘରକୁ ଫେରୁଥିଲା ସ୍କୁଟିରେ । ବାଟରେ ମେଘ ଘୋଡ଼େଇ ଆସି ଟିପି ଟିପି ବର୍ଷା ହେଲା । ସେ ଜାଗାରେ ଘରଦ୍ୱାର ,ଦୋକାନ ବଜାର କିଛି ନାହିଁ । କେବଳ ରାସ୍ତା ଧାରରେ ବଡ ବରଗଛଟି ଠିଆ ହୋଇଛି । ଟିପି ଟିପି ବର୍ଷା ଏଥର ଝିପି ଝିପି ହୋଇ ବର୍ଷିଲା । ମୋନା ତରତର ରେ ସ୍କୁଟିଟା ବରଗଛ ତଳକୁ ନେଇଆସି ଠିଆ ହେଲା । ସେ ଜାଗା ମୋନା ପାଇଁ ଅଜଣା ନୁହେଁ କି ସେ ଗଛ ତା'ର ଅଚିହ୍ନ ନୁହେଁ । ଅକ୍ଷୟ ସବୁବେଳେ ଅପେକ୍ଷା କରୁଥିଲା ତା' ପାଇଁ । ଖରା ,ବର୍ଷା ,ଶୀତ କିଛି ତାକୁ ଅଟକାଇ ପାରୁନଥିଲା । ସବୁ ଋତୁ ଠୁ ମୋନାକୁ ବର୍ଷା ଋତୁ ବେଶି ଭଲ ଲାଗେ । ବର୍ଷା ତା'ର ଭାରି ପ୍ରିୟ । ଆଉ ଧୀରେ ଧୀରେ ସଂକ୍ରମିତ ହୋଇଗଲା ଅକ୍ଷୟ ପାଖକୁ । ଦୁହେଁ ବର୍ଷା ବେଳେ କେତେ ଏଇ ବରଗଛ ତଳେ ଠିଆ ହୋଇ ଗପିଛନ୍ତି । ଏଇ ଗତ ଥର ବି ବର୍ଷାକୁ ଏଠି ମନଭରି ଭୋଗିଛନ୍ତି ଦୁହେଁ ।

ଜାଣ-ଅଜାଣତରେ ମୋନାର ହାତ ତା' ଭ୍ୟାନିଟି ବ୍ୟାଗ ଭିତରେ ମୋବାଇଲଟିକୁ ଖୋଜିଲା ବେଳକୁ ହଠାତ ଅକ୍ଷୟର ବିବାହ ନିମଂତ୍ରଣ କାର୍ଡଟା ଉପରେ ହାତ ପଡିଗଲା । ଦୁଇମାସ ତଳେ ନିଜେ ଅକ୍ଷୟ ସେଇଟା ତାକୁ ଦେଇଥିଲା । ମୋନା ,ବାହାଘରରେ ଯୋଗଦେବା ଯେତେ ତା' ଉଦ୍ଦେଶ୍ୟ ନଥିଲା , ସେତେ ଥିଲା ତାକୁ ଜଣାଇ ଦେବା । ଅକ୍ଷୟର ବାହାଘର ସରିଯାଇଥିଲେ ବି ସେଇ କାର୍ଡଟି ମୋନା ଫିଙ୍ଗିପାରିନି । ସେ ଦିନ ଠୁ ସେମିତି ବ୍ୟାଗ ଭିତରେ ଅଛି । ଦୀର୍ଘଶ୍ୱାସଟିଏ ବାହାରି ଆସିଲା ଛାତି ଭିତରୁ ତା'ର ।

ଏତିକି ବେଳେ ହଠାତ ଝର ଝର ହୋଇ ବର୍ଷା ଝରିଲା । ହେଲେ ମୋନା ବରଗଛ ତଳେ ଥିବାରୁ ବେଶି ଓଦା ହେଉନଥିଲା । ଚୁପଚାପ ବର୍ଷାକୁ ଚାହିଁ ଠିଆ ହୋଇ ଖାଲି ଭାବୁଥିଲା - ସତରେ ,ମଣିଷ ଅପେକ୍ଷା ପ୍ରକୃତି ,ବୃକ୍ଷ ଏ ସବୁ ଅନେକ ଉର୍ଦ୍ଧ୍ୱରେ । ବର୍ଷା- ଆରଥର କଥା ଦେଇ ଯାଇଥିଲା ଆସିବ ବୋଲି ଯେ ଆସିଲା ,ବରଗଛଟା ବି ଆଗରୁ ଯେମିତି ଆଶ୍ରା ଦେଉଥିଲା ଏବେ ସେମିତି ପୁରୁଣା ବନ୍ଧୁ କୁ ଆଶ୍ରା ଦେଉଛି । ଆଉ ଅକ୍ଷୟ..... ??

ନୀଳାଦ୍ରି ବିହାର,ଭୁବନେଶ୍ୱର -୨୧

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ସୃଜନୀ ପରିବାର,ଚେନ୍ନାଇ
ହରିଣ୍ଟୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

।। ଅଧାଲେଖା କାହାଣୀ ।।

● ସୁଧାଂଶୁ ଶେଖର ଦ୍ୱିବେଦୀ

ଏତେଗୁଡିଏ ହର୍ଲିକସ କଣ ପାଇଁ ଗୋଳଉଛ ?
ଗୋପାଳ ମଉସା କଲ୍ୟାଣୀ ମାଉସୀଙ୍କୁ ରାଗ ଓ ଅଭିମାନ ମିଶା ସ୍ୱରରେ କହୁଥାନ୍ତି ।
ବୁଢ଼ୀ ହେଇଗଲିଣିତ ଠିକଭାବେ ଦେଖାଯାଉନି। କ୍ଷୀର ବେଶୀ ଗଡ଼ିଆସିଲା, କ୍ଷୀର ଅନୁପାତରେ ହର୍ଲିକସ ଗୋଳେଇ ଦେଇଛି ମନଭରି ପିଇନିଅ। କଲ୍ୟାଣୀ ମାଉସୀ ଆତ୍ମିୟତା ମୋହରେ ମଉସାଙ୍କୁ ବୁଝାଉଥାନ୍ତି।

ଗୋପାଳ ମଉସାଙ୍କୁ ସମ୍ଭବତଃ ୭୫ବର୍ଷ ବୟସ ହେବ। ନିଜର କେହି ସନ୍ତାନ ନାହାନ୍ତି। ଶିକ୍ଷକ ଚାକିରିରୁ ଅବସର ହେବାପରେ ନିଜ ବାଡ଼ିରେ ଛୋଟ ପକ୍କାଘର କରି ରହୁଛନ୍ତି । ଦାମ୍ପତ୍ୟ ଜୀବନର ସୁଖ ଦୁଃଖକୁ ଦୁହେଁ ଭାଗ-ବାଣ୍ଟ କରି ସମାନ୍ତରାଳ ଭାବେ ଆଗେଇ ଚାଲିଛନ୍ତି। ମଉସା ଜାଣିଥାନ୍ତି ମାଉସୀ ତାଙ୍କୁ ମିଛ କହୁଛନ୍ତି। କାରଣ କିଛିଦିନ ହେବ ଖାଇବାରେ ଅରୁଚି ହେଉଥିବାରୁ ଠିକଭାବେ ସେ ଖାଇ-ପିଇ ପାରୁନାହାନ୍ତି । ସେଇଥିପାଇଁ ମାଉସୀ ବାହାନା କରି କିଛି ପରିମାଣରେ ଅଧିକା ଖୋଇଦେଉଛନ୍ତି। ବୟସର ଛାପ ଶରୀର ଉପରେ ନିଶ୍ଚୟ ପଡିଥାଏ ।

ଚାରି-ପାଞ୍ଚ ଦିନ ଏପରି ହେବାରୁ ସ୍ଥିରକଲେ ସ୍ୱାସ୍ଥ୍ୟକେନ୍ଦ୍ର ଯିବେ । ଗରମ ଦିନ। ଦୁହେଁ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଅଭିମୁଖେ ଚାଲିଲେ। ପ୍ରଖର ଖରା ଧାସରେ ଦେହ ଚେଙ୍କା ଲାଗିଗଲାପରି ଅନୁଭୂତ ହେଉଥାଏ। ଘର ଠାରୁ ସ୍ୱାସ୍ଥ୍ୟକେନ୍ଦ୍ର ଯଦିବା ବେଶୀ ଦୂର ନୁହେଁ ତେବେ ବାର୍ଦ୍ଧକ୍ୟ ଜନିତ ଦୁର୍ବଳତା ପାଇଁ ବାରମ୍ବାର ଥକ୍କି ପଡୁଥାନ୍ତି ଗୋପାଳ ମଉସା। ରାସ୍ତା ପାର୍ଶ୍ୱରେ ଥିବା ଗଛ ମୂଳରେ ଘଡ଼ିଏ ବସିବା ପରେ ସାଷ୍ଟମ ହେଲେ ସେ। ଡାକ୍ତରଙ୍କ ଚେମ୍ବର ପାଖେ ପହଁଚିବା ବେଳକୁ ଲମ୍ବା ଲାଇନ। ମାଉସା ବରଡା ପତ୍ର ପରି ଥରୁଥାନ୍ତି। ମାଉସୀ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ବାହାରେ ଥିବା ଗଛ ମୂଳକୁ ନେଇଆସି ଗାମୁଛା ମେଲେଇ ଶୋଇଦେଲେ। ଲୁଗା କାନିକୁ ନିକଟସ୍ଥ ନଳ ପାଣିରେ ଭିଜେଇ ମଉସାଙ୍କ ମୁହଁରେ ଧିରେଧିରେ ଛିଞ୍ଚିଦେଲେ।ଛତା ଖାଞ୍ଚି ଲୁଗା କାନିରେ ବିଞ୍ଚି ଦେଉଥାନ୍ତି । ଏଭଳି ଭଲପାଇବାକୁ ଦେଖି ମନେ ହେଉଥାଏ ନିଶ୍ଚୟ ନୂଆ ପିଢ଼ିଙ୍କ ପାଇଁ ଏକ ଆଦର୍ଶ ସଂକେତ ହୋଇପାରେ !

ସେଦିନ ସକାଳ ୪ଟା ବାଜିଥାଏ। ପ୍ରତିଦିନ ଏଇ ସମୟରେ କଲ୍ୟାଣୀ ମାଉସୀ ଫୁଲ ତୋଳିବାକୁ ଉଠନ୍ତି । ଉଠିବାମାତ୍ରେ ତାଙ୍କ ମୁଣ୍ଡଟା ବୁଲେଇଦେଲା। ଗୋଡ଼ ଏପଟ ସେପଟ ହୋଇ ପଡୁଥାଏ। ଖଣ୍ଡେ ଦୂର ଯାଇଛନ୍ତି କି ନା ଭୁସକରି ତଳେ ପଡିଗଲେ । ଅଚାନକ ଶବ୍ଦରେ ଗୋପାଳ ମଉସାଙ୍କ ନିଦ ଭାଙ୍ଗିଗଲା। ବିଛଣାରୁ ଉଠିଆସି ମାଉସୀଙ୍କୁ କୋଳରେ ଧରି ପଚାରିଲେ ,'କଣ ହେଲା?'' ଶୁଣ ମୋତେ ଜଣାଯାଉଛି ମୁଁ ଆଉ ବଞ୍ଚିବିନି।' କଲ୍ୟାଣୀ ମାଉସୀଙ୍କ କଣ୍ଠରେ କାତରତା ଓ ଆଖିରେ ଆଖିଏ ଲୁହ ଛଳଛଳ ହେଉଥାଏ।'ହେଃ-ସେମିତି କଣ କହୁଛ ? ତୁମେ ଚାଲିଗଲେ ମୁଁ କଣ କରିବି ? ତୁମ ବିନା ମୁଁ କଣ ବଂଚି ପାରିବି? ତୁମେ ହିଁ ତ ମୋ ଆୟୁସର ଲକ୍ଷ୍ମଣ ରେଖା। ସେ ରଖାକୁ କେମିତି ଡେଇଁବି କହିଲ? ତୁମେ ଜଲ୍ଦା ବ୍ୟସ୍ତ ହୁଅନି। ମୁଁ ଏଇ ସଂଗେ ସଂଗେ ଆମ୍ବୁଲାନ୍ସ ଡକାଉଛି। ସବୁ ଠିକ ହୋଇଯିବ।'
ଗୋପାଳ ମଉସା କଲ୍ୟାଣୀ ମାଉସୀଙ୍କୁ ଆଶ୍ୱାସନା ଦେଇଚାଲିଥାନ୍ତି କ୍ରମଶଃ ଶିଥିଳ ହୋଇଯାଉଥାଏ ତାଙ୍କ ଶରୀର।ହେଲେ କିଂ-କର୍ତ୍ତବ୍ୟ ବିମୂଢ ମଉସା ମୋବାଇଲ ଥିବା ସ୍ଥାନକୁ ଉଠି ଯାଇପାରୁ ନଥାନ୍ତି। ଦେଖୁ ଦେଖୁ ମାଉସୀଙ୍କ ଶରୀର ନିଷ୍ପ୍ରାଣ ହୋଇଗଲା। ବାକଶୂନ୍ୟ ଗୋପାଳ ମଉସା ମାଉସୀଙ୍କୁ ବାହୁ ଫାଶରେ ଭିଡିଧରି ପିଲାଙ୍କ ଭଳି କଇଁକଇଁ କାନ୍ଦିଉଠିଲେ । ଅଥଚ ସମ୍ବେଦନା ଦେବାପାଇଁ ତାଙ୍କ ପାଖରେ କେହି ନଥିଲେ । ଆବଦ୍ଧ ଘର ମଧ୍ୟରେ ତାଙ୍କ କାନ୍ଦର ସ୍ୱର ଗୁଞ୍ଜରିତ ହୋଇ ପୁଣି ତାଙ୍କରି ପାଖକୁ ଫେରିଆସୁଥିଲା। କଣ କରିବେ କିଛି ବୁଝିପାରୁ ନଥିଲେ ସେ । ନିଜ ଆୟୁସର ଲକ୍ଷ୍ମଣ ରଖାକୁ ନିର୍ଦ୍ଧାରଣ କରୁ କରୁ କେବେ ମାଉସୀଙ୍କୁ ପ୍ରଶ୍ନଭରା ଆଖିରେ ଚାହିଁ ରହୁଥିଲେ ତ ପୁଣି କେବେ ଜିଇ ରହିବାର ଜିଜ୍ଞାସାକୁ ବିଶ୍ଳେଷଣ କରୁଥିଲେ ସେ।ଅନେକ ବେଳଯାଏ ବିଶ୍ଳେଷଣର ଫଳାଫଳକୁ ଖୋଜୁଖୋଜୁ ସେ ବି ନିସ୍ତେଜ ପରାସ୍ତ ହୋଇପଡିଲେ ।
ସକାଳ ହେବାମାତ୍ରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଦେଖିବାକୁ ଲୋକମାନଙ୍କର ଭିଡ଼ ଜମି ଯାଇଥିଲା ତାଙ୍କ ଘର ଭିତରେ ବାହାରେ। ପରମୁହୂର୍ତରେ ବର-ବଧୂ ବେଶରେ ସଜେଇ ଗୋଟିଏ ଚିତାରେ ଦାହ-ସଂସ୍କାର କରାହେଲା। ଦୁହିଁଙ୍କ ମର ଶରୀର ପଞ୍ଚ ଭୁତରେ ବିଲୀନ ହୋଇଗଲା, ଆତ୍ମା ଆକାଶରେ ମିଶିଗଲା।
ଆଜି ବି କେବେ କେମିତି ସେଇ ରାସ୍ତାଦେଇ ଗଲେ ମନେ ପଡ଼ିଯାଏ ଗୋପାଳ ମଉସା ଓ କଲ୍ୟାଣୀ ମାଉସୀଙ୍କ ଅମ୍ଳାନ ଅନୁକରାଣୀୟ ଭଲପାଇବା। ମନେ ପଡିଯାଉଥିବା ସେଇ ସ୍ମୃତି ଭିତରେ କେତେ ଯେ ବ୍ୟଥା, କେତେ ଯେ କଥା ଲୁଚି ରହିଥିବ ସେସବୁ ଖୋଜି ବାହାର କରିବାକୁ ପ୍ରବଳ ଇଚ୍ଛା ହୁଏ।କିନ୍ତୁ ହାୟ! ତାଙ୍କ ବିଷୟରେ ଶୁଣେଇବାକୁ ସେଠି ଆଉ କେହି ନାହାନ୍ତି।କେବଳ ଯାହା ରଂଗଛଡ଼ା ପକ୍କା ଘର ଠିଆ ହୋଇଛି ଅତୀତ ସ୍ମୃତିର ଅଧାଲେଖା କାହାଣୀ ପରି.....

ବିସି-୬୪,ସେକ୍ଟର-୧,ସଲଟ ଲେକ,କୋଲକତା-୬୪/(ମୋ)-୯୬୮୧୩୬୩୫୧୨

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ସୃଜନୀ ପରିବାର,ଚେନ୍ନାଇ
ହରଣ୍ଟୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ନିଶବ୍ଦ ଅନୁତାପ

ସୁଷମା ପରିଜା

ବାଙ୍କୀ ବ୍ଲକ ଅଫିସ୍ ରେ ଆଜି ଅଛି ମୁଖ୍ୟ ମନ୍ତ୍ରୀଙ୍କ ପ୍ରୟୋଜିତ "PEETHA" (ପିଠା)କାର୍ଯ୍ୟକ୍ରମ । ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କରୁ ଅନ୍ୟୁନ ପାଞ୍ଚଶହ ମହିଳା ଯୋଗ ଦେବେ କାର୍ଯ୍ୟକ୍ରମ ରେ। ଆଗରୁ ମହାସଙ୍ଘର ସଭାନେତ୍ରୀଙ୍କର କଡା ତାଗିଦା, ଅନ୍ୟ ବ୍ଲକ୍ ମାନଙ୍କଠାରୁ ଆମର ପ୍ରୋଗ୍ରାମ ଭଲ ହେବା ଦରକାର, ନୂଆ ବିଡିଓ ଆସିଛନ୍ତି, କଟକ କଲେକ୍ଟରୋଟ୍ ରୁ ମଧ୍ୟ ଉଚ୍ଚ ପଦାଧିକାରୀ ମାନେ ଆସିବେ, ସେଥିପାଇଁ ଗତକାଲି ରାତିରୁ ଲାଗି ପଡିଛନ୍ତି ସଭ୍ୟାମାନେ ବିଭିନ୍ନ ପ୍ରକାରର ପିଠା ତିଆରି କରିବା ପାଇଁ । ସଭା ରେ ସମସ୍ତ ଅତିଥି ନିଜ ନିଜର ଭାଷଣ ଦେଇ ସାରିବା ପରେ ସବୁ ସ୍ୱୟଂ ସହାୟକ ଗୋଷ୍ଠୀର ଷ୍ଟଲ୍ ବୁଲି ବୁଲି ପିଠା ଖାଇବେ ଏବଂ ଶ୍ରେଷ୍ଠ ବିବେଚିତ ଗୋଷ୍ଠୀ କୁ ପୁରସ୍କୃତ କରିବେ। ସଭା ରେ ସବୁ ଗୋଷ୍ଠୀ ପାଇଁ ନିର୍ଦ୍ଧାରିତ ଋଣ ମଧ୍ୟ ମଞ୍ଜୁର ହୋଇଯିବ ତତ୍କ୍ଷଣାତ୍ ।ସେଇ ଆଶାରେ ସମସ୍ତେ ତତ୍ପର। ରାଜ୍ୟ ମୁଖ୍ୟମନ୍ତ୍ରୀ ଙ୍କ "PEETHA")କାର୍ଯ୍ୟକ୍ରମ କୁ କିଏ , କେମିତି, କେତେବେଳେ , କେବେ ଠାରୁ (ପିଠା) କାର୍ଯ୍ୟକ୍ରମ ରେ ପରିବର୍ତ୍ତିତ କରିଛନ୍ତି ତାହା ବ୍ରହ୍ମା ଙ୍କୁ ମଧ୍ୟ ଅଗୋଚର କିନ୍ତୁ ସବୁ ମହିଳା ମାନେ ତା'କୁ ବେଦ ବାକ୍ୟ ମଣି ପିଲାଦିନୁଁ ଆଜି ଯାଏଁ ଦେଖିଥିବା , ଶିଖିଥିବା ସବୁ ପ୍ରକାର ର ପିଠା ବୋଝେ ଲେଖାଏଁ ତିଆରି କରି ସଭାକୁ ଆଣିବାଟା ନିଜର ଗୌରବ ବୋଲି ମନେ କରୁଛନ୍ତି ।

ମା' କୋଚିଲେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ର ସଭାପତି ଭାବରେ ନିଜର ନୈତିକ ଦାୟିତ୍ୱ ବହନ କରି ସରସୀ ମଧ୍ୟ ତାଙ୍କ ଗାଆଁ ର ଆଉ ଦଶ ଜଣ ମହିଳାଙ୍କୁ ସାଥିରେ ଧରି ଆସିଛି ସେଇ ସଭାରେ ଯୋଗ ଦେବାଲାଗି ।ସହରରେ ପିଲାଦିନୁ ଚଳିଥିବା, ବଢିଥିବା ସରସୀ ପରିସ୍ଥିତି ଚକ୍ର ରେ ପଡି ଏଇ ବର୍ଷେ ଦୁଇ ବର୍ଷ ହେବ ଶାଶୁ ଘର ଗାଆଁ ପଦନପୁର ରେ ରହୁଛି , କାରଣ ଭୁବନେଶ୍ୱର ରେ ଗୋଟାଏ ବଡ କମ୍ପାନୀ ରେ ଚାକିରୀ କରିଥିବା ତା'ର ସ୍ୱାମୀ ସୁଦୀପ୍ତ ଅର୍ଥ ତୋଷରପାତ ଅଭିଯୋଗରେ କମ୍ପାନୀ ରୁ ବହିଷ୍କୃତ ହେଲା ପରେ ପିଲା ଦୁହିଁଙ୍କୁ ଧରି ସେଠାରେ ରହିବା ସମ୍ଭବ ନଥିଲା। ତେଣୁ ବାଧ୍ୟବାଧକତା ରେ ଗାଆଁକୁ ଆସିବାକୁ ପଡିଲା ସେମାନଙ୍କୁ । ଏବେ ସୁଦୀପ୍ତ ହାଇଦ୍ରାବାଦ ରେ ରହି ନିଜ ପାଇଁ କର୍ମ ସଂସ୍ଥାନ ଖୋଜୁଛନ୍ତି ଆଉ ସିଏ ସହରି ଝିଅ ଏବଂ ଶିକ୍ଷିତ ବୋହୁଟିଏ ବୋଲି ଗାଆଁ ର ମହିଳାମାନେ ତା'କୁ ତାଙ୍କର ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି କରିଛନ୍ତି । ସେ ଚାଲାଖ ଚତୁର ହୋଇଥିବାରୁ ଗୋଷ୍ଠୀର ସବୁ ହିସାବ କିତାବ ରଖିବା ସହ ସରକାରୀ ସାହାଯ୍ୟ ପାଇବା ନିମନ୍ତେ ସହାୟତା କରୁଛି ଏବଂ ତାଙ୍କ ଗୋଷ୍ଠୀ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ସେଇ ବ୍ଲକ୍ ରେ।

ଆଜି ମଧ୍ୟ ତାଙ୍କରି ଗୋଷ୍ଠୀ ଯେମିତି ଶ୍ରେଷ୍ଠ ବିବେଚିତ ହେବ ସେଥିଲାଗି ପୂର୍ଣ୍ଣ ପ୍ରାଣରେ ଲାଗି ପଡିଛି ସରସୀ। ପିଠା ସବୁ ସୁନ୍ଦର ଭାବରେ ସଜ୍ଜିତ ହୋଇ ରଖା ଯାଇଛି ଷ୍ଟଲ୍ ମାନଙ୍କରେ , ସଭ୍ୟାମାନେ ପଛରେ ପଡିଥିବା ଚେୟାର୍ ମାନଙ୍କରେ ବସିଛନ୍ତି ଏବଂ ସବୁ ଗୋଷ୍ଠୀର ସଭାପତି ଏବଂ ସଂପାଦିକା ଠିଆ ହୋଇ ରହିଛନ୍ତି ଷ୍ଟଲ୍ ର ଟେବୁଲ୍ ପାଖରେ। ସମସ୍ତ ଅତିଥି ମାନେ ମଞ୍ଚାସୀନ ହେବାପରେ ସଭା କାର୍ଯ୍ୟ ଆରମ୍ଭ ହେଲା । ପ୍ରଥମେ ନୂଆ ବିଡିଓ ସମସ୍ତ ଅତିଥି ମାନଙ୍କୁ ସ୍ୱାଗତ କରି ତାଙ୍କର ଅଭିଭାଷଣ ଆରମ୍ଭ କଲେ, ନୂଆ ବିଡିଓଙ୍କର ଚେହେରା ଏବଂ ସାଧାରଣ ବେଶ ପୋଷାକ ଦେଖି ସରସୀ ର ମନେ ହେଉଥିଲା ସେ ତାଙ୍କୁ ଆଗରୁ କୋଉଠି ଦେଖିଛି ବୋଲି ହେଲେ ସେ ମନେ ପକାଇ ପାରୁନଥିଲା ଠିକ୍ ଭାବରେ । ବିଡିଓଙ୍କୁ ଓଜସ୍ୱିନୀ ଭାଷଣ ଶୁଣି ସମସ୍ତେ ତାରିଫ୍ କରୁଥାନ୍ତି, ବ୍ଲକ ଅଫିସ୍ ର ଅନ୍ୟ କର୍ମଚାରୀ ମାନେ ମଧ୍ୟ ଖୁବ୍ ପ୍ରଶଂସା କରୁଥାନ୍ତି ନୂଆ ବିଡିଓଙ୍କ କାର୍ଯ୍ୟ ଶୈଳୀ ର , ତାଙ୍କ ଅନୁଶାସନର , ତାଙ୍କ ନିର୍ମଳ ଭାବମୂର୍ତ୍ତିର । ସରସୀ କିନ୍ତୁ ଭାବି ଚାଲିଥାଏ ମନ ଭିତରେ , କେଉଁଠି ଦେଖିଛି ସେ ଏଇ ଭଦ୍ରଲୋକ ଙ୍କୁ ? ତା'ର ଧ୍ୟାନ ମୋଟେ ସଭାର କାର୍ଯ୍ୟକ୍ରମ ରେ ନଥାଏ । ବିଡିଓଙ୍କ ପରେ ଅନ୍ୟ ଅତିଥିମାନଙ୍କ ଭାଷଣ ସରିଲା, ଅତିଥି ମାନଙ୍କୁ ବାଟ କଢାଇ ଆଣି ବିଡିଓ ନିଜେ ସବୁ ସ୍ୱୟଂ ସହାୟକ ଗୋଷ୍ଠୀର ଷ୍ଟଲ୍ ବୁଲି ବୁଲି ଦେଖାଉ ଥାଆନ୍ତି ଏବଂ ସମସ୍ତେ ପିଠା ର ପ୍ଲେଟ୍ ମାନ ବଢାଇ ଦେଉଥାଆନ୍ତି ଅତିଥି ମାନଙ୍କୁ, ମା' କୋଚିଲେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଟେବୁଲ୍ ପାଖରେ ପହଞ୍ଚି ସରସୀ ର ମୁହଁ କୁ ଚାହିଁ ଟିକେ ଥମି ଗଲେ ବିଡିଓ, "ସାର୍ ନମସ୍କାର" କହି ଦୁଇ ହାତ ଯୋଡି ମୁଣ୍ଡ ଝୁଙ୍କାଇଲା ସରସୀ, ପିଠା ପ୍ଲେଟ୍ ଟି ଧରି ଆଗେଇ ଗଲେ ସେ ଅନ୍ୟ ଅତିଥିମାନଙ୍କ ସହିତ। ତାଙ୍କ ବେକ ପାଖରେ ଥିବା ବଡ କଳାଜାଇ ମନ୍ଦା ଟି ଦେଖି ଚମକି ପଡିଲା ସରସୀ । ଅତୀତର ସୂକ୍ଷ୍ମ ପରଦାଟିଏ ଅପସରି ଗଲା ତା' ଆଖି ଆଗରୁ। ମନେ ପଡିଗଲା ବାର ବର୍ଷ ତଳେ ତାଙ୍କ ଘରକୁ ତା' ମାମୁଁଙ୍କ ସହିତ କନ୍ୟା ଦେଖି ଆସିଥିବା ତାଙ୍କର ସହଯୋଗୀ ସେଇ ମଳିମୁଣ୍ଡିଆ କିରାଣୀ ଜଣକ, ଯାହାକୁ ସରସୀ ନିଜେ ପ୍ରତ୍ୟାଖ୍ୟାନ କରିଥିଲା ତାଙ୍କର ଚେହେରା ଆଉ ବେଶ ପୋଷାକ ଦେଖି । ମାମୁଁ ବହୁତ ବୁଝାଇବା ପାଇଁ ଚେଷ୍ଟା କରିଥିଲେ ଯେ ପିଲାଟି ମେଧାବୀ ଏବଂ ତା'ର ଭବିଷ୍ୟତ ଉଜ୍ଜଳ, ସରସୀ ମୋଟେ ବୁଝି ନଥିଲା । ତା'ର ଜିଦ୍ ଦେଖି ବାପା ସଫା ସଫା ଶୁଣେଇଥିଲା ଦେଇଥିଲେ ମାମୁଁ ଙ୍କୁ " ମୋ ଝିଅ ଯାହାକୁ ପସନ୍ଦ କରିବ, ମୁଁ ତାଙ୍କୁ ହିଁ ଜ୍ୱାଇଁ କରିବି "। ଅପମାନିତ ହୋଇ ସେଦିନ ସେମାନେ ଫେରି ଯାଇଥିଲେ ଆଉ ପରେ ପରେ ସୁଦୀପ୍ତ ସହିତ ବାହାଘର ହୋଇଥିଲା ସରସୀର।

ଅତୀତ କଥା ଭାବି ଗୋଟାଏ ଝାଳ ବୋହିଗଲା ସରସୀ ଦେହରୁ । ଆଜି ସେଇ ମଳିମୁଣ୍ଡିଆ କିରାଣୀ ଅଜିତ ରାଉତ ବିଡିଓ ହୋଇ କେତେ ଉଚ୍ଚ ରେ ବସିଛନ୍ତି ଆଉ ସୁଦୀପ୍ତ ର ସୁନ୍ଦର ଚେହେରା ତଳେ ଥିବା କଳଙ୍କିତ ହୃଦୟ ସହ ସରସୀ କେମିତି ନର୍କ ଯନ୍ତ୍ରଣା ଭୋଗୁଛି, ସେଇ କଥା ଚିନ୍ତା କରି ନିଜ ଭିତରେ ନିଜେ ସଙ୍କୁଚିତ ହୋଇ ଯାଉଥିଲା ସରସୀ । "ମା'କୋଚିଲେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ " ସଭା ରେ ଶ୍ରେଷ୍ଠ ସ୍ୱୟଂ ସହାୟକ ଗୋଷ୍ଠୀ ଭାବେ ଘୋଷଣା କରିଥିଲେ ବିଡିଓ । ବିଡିଓଙ୍କ ହାତରୁ ଗୋଷ୍ଠୀ ପାଇଁ ପାଞ୍ଚ ଲକ୍ଷ ଟଙ୍କାର ଋଣ ମଞ୍ଜୁରୀ ପତ୍ର ନେଲା ବେଳକୁ ଅନୁତାପ ର ଅଶ୍ରୁ ଦୁଇଟୋପା ଗଳି ପଡିଲା ସରସୀ ଆଖିରୁ ।।

ନୂଆବଜାର / କଟକ

ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହରିଣ୍ଟୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ବୁଝାମଣା..

ଅରୁଣ କୁମାର ମହାନ୍ତି

ସକାଳୁ ସକାଳୁ ଅଶୋକ ଆଉ ତା ସ୍ତ୍ରୀ ପ୍ରିୟା ମଧ୍ୟରେ ଖୁବ୍ ଜୋର୍ ରେ ଝଗଡ଼ା ଚାଲିଥାଏ ।
ପ୍ରିୟା ରାଗିକି କହିଲା - ବାସ୍ ବହୁତ ହୋଇଗଲା ଆଉ ମୁଁ ତୁମ ସହ ଗୋଟେ ମୁହୂର୍ତ୍ତ ବି ରହି ପାରିବିନି ।
ଅଶୋକ ବି ରାଗିକି ଥିଲା ଆଉ କହିଲା - ମୁଁ ବି ତୁମର ଏ ସବୁଦିନ ର ଫାଲତୁ ଝଗଡ଼ା ରେ ବେଦମ୍ ହୋଇ ଗଲିଣି । ତୁମର ଯାହା ଇଚ୍ଛା ସେଇୟା କର । ମୁଁ ଅଫିସ୍ ଯାଉଛି ..କହି ସେ ଅଫିସ୍ ଚାଲିଗଲା ।

ପ୍ରିୟା ସଙ୍ଗେ ସଙ୍ଗେ ତା ମାଆ କୁ ଫୋନ୍ କରିଲା ଆଉ କହିଲା ।
ମୁଁ ଏବେ ଏ ଘର ଛାଡ଼ି ପିଲାମାନଙ୍କୁ ଧରି ତୋ ପାଖକୁ ଆସୁଛି । ମୁଁ ଆଉ ଏ ଯମପୁରରେ ରହି ପାରିବିନି ।
ପ୍ରିୟା ଠାରୁ ତା ମା ଅହଲ୍ୟା ଦେବୀ ସବୁ କଥା ଶୁଣିଲା ପରେ ଅତି ନମ୍ର ଭାବରେ କହିଲେ ଦେଖ୍ ଝିଅ... ମୁଁ ବୁଝୁଛି ତୋର କଥା.... ,
ତୁ ହେଉଛୁ ମହାନ୍ତି ପରିବାର ର ବୋହୂ ତା ସହ ଗୋଟେ ପିଲାର ମାଆ, ଏମିତି ଛୋଟ ଛୋଟ ଝଗଡ଼ା ସ୍ୱାମୀ ସ୍ତ୍ରୀ ମଧ୍ୟରେ ହୁଏ । ଯାହା କହୁଛି ଧ୍ୟାନ ସେ ଶୁଣ ଝିଅ.. ବୋହୂ ହୋଇକି ସେଇଠି ରହ । ଖବରଦାର୍ ଯଦି ସେଠୁ ଗୋଟିଏ ପାଦ ଆଗକୁ ବଢାଇବୁ ତ । ତୋ ବଡ ଭଉଣୀ ବି ତା ସ୍ୱାମୀ ସହ ଝଗଡ଼ା କରି ଆସିଥିଲା କଣ ହେଲା.. ଏବେ ଛାଡପତ୍ର ଧରି କାନ୍ଦୁଛି ।
ଏବେ ତୁ ବି ସେହି ପରିସ୍ଥିତି ସୃଷ୍ଟି କରିବାକୁ ଯାଉଛୁ ।

ଗୋଟିଏ ହାତରେ ତାଳି ବାଜେନି । ମୁଁ ତୋତେ ଆଉ ତୋର ନଖରାମି ଭଲ-ସେ ଜାଣିଛି । ସବୁଠୁ ଭଲ ହେବ ନିଜ ସ୍ୱାମୀ ସହ ବୁଝାମଣା କରି ନେ । ମୁଁ ଜ୍ୱାଇଁଙ୍କୁ ଯେତିକି ଜାଣିଛି ସେ ଏତେ ବି ଖରାପ ନୁହନ୍ତି । ଏଇଥିରେ ତୋର ଆଉ ତୋ ପିଲାର ମଙ୍ଗଳ ।
ପାଣି ଫୋଟକା ପରି ପ୍ରିୟା ର ସବୁ ରାଗ ଓ କ୍ରୋଧ ପାଣିରେ ମିଶିଗଲା ମାଆ ର ଏପରି ତାଗିଦ୍ କଥା ଶୁଣି । ମନ ଭିତରେ ଥିବା ଈର୍ଷା ଓ ଅବିଶ୍ୱାସ ର କଳା ବାଦଲ ହଟି ବିଶ୍ୱାସର ସୂର୍ଯ୍ୟ ଉଦୟ ହେଲା ତା ମନରେ। ପ୍ରିୟା ବସିପଡ଼ି କାନ୍ଦିବାକୁ ଲାଗିଲା । ଯେତେବେଳେ ତା ମନ ଶାନ୍ତ ହେଲା ସେ ପଛରେ ହୋଇଥିବା ଝଗଡା କଥା ଥଣ୍ଡା ମୁଣ୍ଡରେ ଭାବିଲା ଆଉ ଜାଣିଲା ଝଗଡା ହେବାରେ ନିଜର ଅନେକ ଭୁଲ୍ ତାହାର ନଜରକୁ ଆସିଲା ।

ହାତ ମୁଁହ ଧୋଇ ହୋଇ ଫ୍ରେସ୍ ହେଲା ଆଉ ନିଜ ସ୍ୱାମୀଙ୍କ ମନ ପସନ୍ଦର ଖାଇବା ତିଆରି କଲା ।
ଆଉ ତା ସହିତ ଅଶୋକଙ୍କ ପସନ୍ଦର ସ୍ପେଶାଲ୍ କ୍ଷୀରି ବି..। ଭାବିଲା ସନ୍ଧ୍ୟାରେ ତାଙ୍କ ଠୁ କ୍ଷମା ମାଗିନେବି । ସନ୍ଧ୍ୟାରେ ଯେବେ ଅଶୋକ ଘରକୁ ଫେରିଲା ଘରର ସାଜସଜ୍ଜା ଥିଲା ଖୁବ୍ ନିଆରା । ବିଚଳିତ ମନକୁ ଚନ୍ଦନର ପ୍ରଲେପ ଶାନ୍ତ କରିବା ଭଳି ପ୍ରିୟାର ବ୍ୟବହାର ଅଶୋକ କୁ ବହୁତ ଭଲ ଲାଗିଲା । ଏମିତି ଲାଗୁଥିଲା ଯେପରି ଯେମିତି କିଛି ଘଟିନି । ଅଶୋକ ବି ପ୍ରିୟାର ଏ ପରିବର୍ତ୍ତନ ଦେଖି ଖୁସି ହେବା ସହ ଆଶ୍ଚର୍ଯ୍ୟ ବି ହେଉଥିଲା । ଖାଇବା ପରେ ଅଶୋକ ଯେତେବେଳେ କ୍ଷୀରି ଖାଇଲା ସେତେବେଳେ ପ୍ରିୟା କହିଲା ତୁମେ ତ ଜାଣିଛ ମୁଁ ଟିକେ ରାଗି ବୋଲି .. ଛୋଟ ଛୋଟ କଥାରେ ରାଗିଯାଏ । ତୁମେ ମୋ କଥା ଧରିବନି ଜାଣିଛ ତ ମୁଁ ଟିକେ ଟିକେ କଥାରେ ଜିଦି କରି ବସେ । ମୋର ଭୁଲ୍ ହୋଇଯାଇଛି। " ଆଇ ଆମ୍ ସରି..."

ଅଶୋକ କହିଲା - ବାସ୍ ଏତିକି କଥା "ଆଇ ଆମ ସରି ଅଲ-ସୋ.."
କହିବାକୁ ଗଲେ , ମୋତେ ତୁମକୁ ସେମିତି କହିବାରେ ନ ଥିଲା । ମୋର ଭୁଲ ହୋଇଯାଇଛି । ଦୁହେଁ ଦୁହିଁଙ୍କୁ ଭୁଲ୍ ମାଗୁଥିଲେ ପ୍ରିୟା ମନେ ମନେ ନିଜ ମାଆ କୁ ଧନ୍ୟବାଦ ଜଣାଇଥିଲା, ଯାହା ପାଇଁ ଆଜି ତାର ପରିବାର ଭାଙ୍ଗିବାରୁ ବଞ୍ଚି ଗଲା । ସେ ବୁଝି ପାରୁଥିଲା ରାଗ ବେଳେ ନିଆ ଯାଇଥିବା ନିଷ୍ପତି ସବୁବେଳେ ଭୁଲ୍ ହୁଏ ବୋଲି ..।
ଜୀବନର ଅର୍ଥ ବୁଝାମଣା ଆଉ ବୁଝାମଣା ଅଭାବରେ ହୁଏ ବାଟବଣା .....

ଇଶାଣ ପୁର, ଯାଜପୁର / ଦୁରଭାଷ:-୭୭୧୫୦୮୧୩୦୮

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ସୃଜନୀ ପରିବାର,ଚେନ୍ନାଇ

ହରଣ୍ଟୁୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ସମ୍ପର୍କର ଇତିହାସ

ସୁଦର୍ଶନ ମହାପାତ୍ର

ବୃଦ୍ଧ ବାପାଙ୍କୁ ନେଇ ପୁଅ ପହଞ୍ଚିଗଲା ଜରାନିବାସରେ। ପତ୍ନୀଙ୍କର ଜିଦ୍ ଏବଂ ତାଗିଦ୍ ମନକୁ ବାରମ୍ବାର ଆନ୍ଦୋଳିତ କରୁଥିଲା। ନିଜ ଇଚ୍ଛା ବିରୁଦ୍ଧରେ,ସବୁ ମୋହ ତ୍ୟାଗ କରି ପୂର୍ବ ନିଷ୍ପତ୍ତିରେ ଅଟଳ ରହିବାକୁ ଚେଷ୍ଟା କରୁଥିଲା ସେ ।

ଜରାଶ୍ରମର ତତ୍ତ୍ୱାବଧାରକ ବୃଦ୍ଧ ବାପାଙ୍କୁ ପାଛୋଟି ନେଲା ଦେଖୁ ଦେଖୁ - ବହୁ ଦିନରୁ ପରିଚିତ ଥିଲା ଭଳି ।

ପୁଅ ଆଶ୍ଚର୍ଯ୍ୟ ହୋଇ ଚାହିଁ ଥିଲା। ସଂଶୟ ତୁଟାଇବାକୁ ତତ୍ତ୍ୱାବଧାରକ କହିଲେ - "୩୦ ବର୍ଷ ଆଗରୁ ଏହି ବ୍ୟକ୍ତି ଅନାଥାଶ୍ରମରୁ ପୋଷ୍ୟପୁତ୍ରଟିଏ ଗ୍ରହଣ କରିଥିଲେ । ମୁଁ ସେତେବେଳେ ଥିଲି ସେହି ଅନାଥାଶ୍ରମର ତତ୍ତ୍ୱାବଧାରକ"।

ବାପା ହସି ହସି ଜରାନିବାସ ଭିତରକୁ ପ୍ରବେଶ କରୁଥିଲେ।
କରୁଣ ଦୃଷ୍ଟିରେ ପୁଅ ଚାହିଁ ରହିଥିଲା ତାଙ୍କ ଚଲାପଥକୁ । ସ୍ୱର୍ଗକୁ ପାଦ ବଢାଉଥିବା ମାନବରୂପୀ ଦେବତାଙ୍କୁ.....। ହୃଦୟର ଗଭୀରତମ ପ୍ରଦେଶରେ ଖୋଜୁଥିଲା ଆତ୍ମୀୟତାର ପରିଭାଷା....,....
ସମ୍ପର୍କର ଇତିହାସ....!!

ପତ୍ରପୁର ,କେନ୍ଦ୍ରାପଡ଼ା

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ସୃଜନୀ ପରିବାର,ଚେନ୍ନାଇ
ହରିଣ୍ଟୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଅପରାଧୀ

ଡକ୍ଟର କୃତ୍ତିବାସ ନାୟକ

ମାଆଙ୍କ ଦଶାହ କର୍ମ, ତା'ପରେ ଏକାଦଶ ଭୋଜିକାମ ଶେଷକରି ବିପ୍ଳବ ଚୌଧୁରୀ ନିଜ କର୍ମକ୍ଷେତ୍ରକୁ ଫେରି ଆସିଥିଲେ । ସବୁକାମ ବେଶ ସୁରୁଖୁରୁରେ ଶେଷ ହେଇଥିଲା । ସବୁ ବନ୍ଧୁ-ବାନ୍ଧବ ବି ଭଲରେ ଭଲରେ ବିଦା ହେଇଥିଲେ । ଭୁବନେଶ୍ୱରରେ ପହଁଚିବା ପରେ ସେ ଗତ କେଇଦିନର କଥା ସବୁ ଜଳଜଳହେଇ ଦିଶି ଯାଉଥିଲା । କଥାଗୁଡ଼ିକୁ ଖିନଭିନ କରି ଖେଳେଇ ବୁଲେଇ ଦେଖିଲା ବେଳକୁ ଲାଗୁଛି- ସେ ନିଜେ ଜଣେ ଅପରାଧୀ । ଟିକେ ଦାୟିତ୍ୱ ସମ୍ପନ୍ନ ହେଇଥିଲେ, ମାଆ ଏମିତି ଦୟନୀୟ ଅବସ୍ଥାରେ ଏତେଶୀଘ୍ର ମରି ନ ଥା'ନ୍ତା । ବାହାରଲୋକ କେହି ନ ଜାଣିଲେ ବି ସେ ଭଲକରି ଜାଣେ, ମା'ଙ୍କ ମୃତ୍ୟୁ କେମିତି ହେଲା-କାହିଁକି ହେଲା ? ଲୋକଙ୍କ ଦୃଷ୍ଟିରୁ ସେ ଅବଶ୍ୟ ଖସି ଯାଇପାଇଛି । କିନ୍ତୁ ନିଜ ବିବେକ ଆଉ ଆତ୍ମା ତ ସବୁ କଥା ଜାଣିଛି | ସେମାନେ କ'ଣ ତାକୁ ଏତେ ସହଜରେ କ୍ଷମା ଦେଇପାରିବେ ?

ବାପାଙ୍କ ମୃତ୍ୟୁ ଘଟଣା ଥିଲା ଅଲଗା । ତାଙ୍କର ହାର୍ଟ ଆଟାକ ହେଇଥିଲା । ପ୍ରଥମ ଷ୍ଟ୍ରୋକରେ ହିଁ ତାଙ୍କର ଜୀବନ ଛାଡ଼ି ଯାଇଥିଲା । ସେଥିପାଇଁ କେହି କାହାରି ଦୋଷଦେଇ ପାରି ନ ଥିଲେ । କିନ୍ତୁ ମାଆଙ୍କ ମୃତ୍ୟୁ ଘଟଣା ପଛରେ ଅନେକ ଅକୁହା କଥା ରହିଯାଇଛି । ସେ ପାରାଲିସିସରେ ପଡ଼ି ଦୀର୍ଘଦିନ ଧରି ନିଜେ ତ ହିନସ୍ତା ହେଉଥିଲା, ଏଣେ ଆମ ଦି'ଜଣକୁ ଏକପ୍ରକାର ନରକରେ ପକେଇ ରଖିଥିଲା । ନିଜର ନିତ୍ୟକର୍ମକୁ ସେ ଯଦି ଟିକେ କରି ପାରୁଥା'ନ୍ତା, ତେବେ ତ କିଛି ଅସୁବିଧା ହେଇ ନ ଥା'ନ୍ତା । ଆମ ଘରେ ପକ୍କା ପାଇଖାନା ଥିଲେ କ'ଣ ହେବ ? ସିଏ ତ ଆଣ୍ଠୁ ଭାଙ୍ଗି ସେଥିରେ ବସି ପାରୁ ନ ଥିଲା । ବେଳେ ବେଳେ ସେ ନିଜ ମଇଳା ଉପରେ ଗଡ଼ିପଡ଼ି ଘଣ୍ଟି ହେଇ ପଡୁଥିଲା । ଓଃ କି ଯନ୍ତ୍ରଣା ! ପତ୍ନୀ ସୁଲୋଚନାକୁ ଆଉ କିଏ ସମ୍ଭାଳେ ? ଶେଷରେ ମୁଁ ଖବର ପାଇ ଯାହା କରିବା କଥା କରେ । କେଇଟା ଦିନ ଭଲରେ ଭଲରେ ଗଲେ, ପୁଣି ସେଇକଥା । ଥରେ ମାମୁ ଆସିଥିଲେ ଯେ, ସେ ମା'ଙ୍କ ଅବସ୍ଥା ଦେଖି କହିଲେ - ବଜାରରେ ଏବେ ବେମାରିଆ ଲୋକଙ୍କ ପାଇଁ ଠିଆ ପାଇଖାନା କିଣିବାକୁ ମିଳିଲାଣି । ନହେଲେ ଗୋଟାଏ ପ୍ଲାଷ୍ଟିକ ଚୌକି ଆଣି ତାକୁ କାଟି ପାଇଖାନା ଉପରେ ରଖିଦେଲେ ବି ଚଳିବ । ଅପା ତା' ଉପରେ ବସି ନିତ୍ୟକର୍ମ ସହଜରେ କରି ପାରିବ । ମାମୁଙ୍କ କଥାଟା ମନକୁ ପାଇଥିଲା । କିନ୍ତୁ, ଆଜି-କାଲି ହେଉହେଉ, ଗୁଡ଼ାଏ ଦିନ ବିତିଗଲା ।

ଥରେ ମାଆ ସେଇ ପାଇଖାନାରେ କଚାଡି ପଡ଼ିବାରୁ ସୁଲୋଚନା ବାଧହେଇ ଅତିକମରେ କଟା ହେଇଥିବା ପ୍ଲାଷ୍ଟିକ ଚଉକି ଖଣ୍ଡେ କିଣି ଆଣିବାକୁ ମନ ସ୍ଥିରକଲେ । ଦୋକାନରେ ପହଁଚି ସେ ଦେଖିଲେ, ଅନେକ ପ୍ରକାର ସୁନ୍ଦର ଦାମିକା ଦାମିକା ଉଠା ପାଇଖାନା, ସାନିଟେସନ ବ୍ୟବସ୍ଥା ଥିବା ବଢିଆ ଜିନିଷ ମିଳୁଛି ଛୋଟପିଲାଙ୍କ ପାଇଁ ମଧ୍ୟ ବିଭିନ୍ନ ପ୍ରକାର ସାନିଟାରୀ ଜିନିଷ ମିଳୁଛି । ସେ ସବୁକୁ ଦେଖୁ ଦେଖୁ ଗୋଟିଏ ସୁନ୍ଦର ପ୍ଲାଷ୍ଟିକ ତିଆରି ଟଏଲେଟ ଟ୍ରେନର ନିଜପୁଅ ପାଇଁ କିଣି ପକାଇଲେ । ମାଆଙ୍କ ଉଦ୍ଦେଶ୍ୟରେ ଦୁଇ-ଚାରିଟା କଟା ଯାଇଥିବା ପ୍ଲାଷ୍ଟିକ ଚଉକି ଦେଖି ସେ ଭାବିଲେ, ଶାଶୂମା' ଆଉ କେତେଦିନ ବଞ୍ଚିବେ ଯେ, ତାଙ୍କପାଇଁ ଏତେ ଟଙ୍କାଦେଇ ବେକାର ଜିନିଷକୁ କିଣିବି ? ଏମିତି ଏମିତି କେଇଟା ଦିନ ଚାଲିଗଲେ ଗଲା ।

ସେଦିନ ପୁଅପାଇଁ କିଣାଯାଇଥିବା ଜିନିଷକୁ ଦେଖି ମାଆ ତ ଖୁସି ହେଇଥିଲା, କିନ୍ତୁ ତା'ପାଇଁ ଏବେ ଭଲ ଜିନିଷ ମିଳୁନାହିଁ ବୋଲି ଶୁଣି ସେ ନିଜକୁ ଅସହାୟ ମନେକରିଥିଲା । ଦୁର୍ଭାଗ୍ୟର କଥା, ସେହିଦିନ ରାତିରେ ହିଁ ସେ ପୁଣି କଚାଡି ପଡ଼ିଲା । ସେତେବେଳେ ମୁଁ ଘରେ ଥିଲି । ତା'ର ଚିତ୍କାର ଶୁଣି ମୁଁ ପାଇଖାନରେ ପଶି ଦେଖିଲି, ମାଆର ଗୋଟାଏ ଗୋଡ଼ ଜଙ୍ଘ ପର୍ଯ୍ୟନ୍ତ ପାଇଖାନା ନାଳ ଭିତରେ ପଶି ଯାଇଛି । କାନ୍ଥରେ ମୁଣ୍ଡ ପିଟିହେଇ ଯାଇଥିବାରୁ ତା'ର ଚେତା ବୁଡ଼ି ଯାଇଛି । ନିଜ ମଇଳାରେ ଲଟପଟ ହେଇଥିବା ତା' ଦେହକୁ ଧୋଇଧାଇ ମୁଁ ତୁରନ୍ତ ଡାକ୍ତରଖାନାକୁ ନେଇଯାଇଥିଲି । ଡାକ୍ତର ତାକୁ ମୃତବୋଲି ଘୋଷଣା କରିଦେଲେ ।

ମାମୁଙ୍କ କହିବା ଅନୁସାରେ ଯଦି ମୁଁ ନିଜେ କଟାଯାଇଥିବା ଚଉକି ଖଣ୍ଡେ କିଣି ଆଣିଥା'ନ୍ତି, ତେବେ ମାଆର ମୃତ୍ୟୁ ଏମିତି ଦୟନୀୟ ଅବସ୍ଥାରେ ହେଇ ନ ଥା'ନ୍ତା । ଆଉ କିଛିଦିନ ସେ ବଞ୍ଚି ରହିପାରିଥା'ନ୍ତା | ସୁଲୋଚନାକୁ ସେ ଦାୟିତ୍ୱଟି ଦେଇ ମୁଁ ପ୍ରକୃତରେ ବଡ଼ ଅପରାଧ କରିଛି । ଏ' କଥାକୁ ଆଉ କିଏ କହୁ ବା ନ କହୁ, ମୋତେ ତ ମୋ ଆତ୍ମା, ସାରା ଜୀବନ ମୋ କାନରେ କହିଚାଲିଥିବ ।

। ସ୍ୱାର୍କ, ମେରୀଲ୍ୟାଣ୍ଡ. ଆମେରିକା ।

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ସୃଜନୀ ପରିବାର,ଚେନ୍ନାଇ
ହରିଣ୍ଟୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ବୃଦ୍ଧାଶ୍ରମରେ ମା'

ପ୍ରଶାନ୍ତ କୁମାର ନାଥ

ବିଶ୍ୱଜିତ ପାତ୍ର କେବଳ ନାଁ କହିଦେଲେ ତାଙ୍କର ପରିଚୟ ଦେବାର ଆବଶ୍ୟକ ପଡେନି । ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ଯାହାକୁ ତାଙ୍କର ନାଁ ପଚାରିଲେ ସିଏ କହିଦେବେ । ଜଣେ ନ୍ୟାୟବନ୍ତ ମଣିଷ ଭାବରେ ସେ ଅଂଚଳରେ ବେଶ ଜଣାଶୁଣା ସେ । ଆଖପାଖ ଅଞ୍ଚଳରେ ସବୁ ନ୍ୟାୟ ନିଶାବରେ ସେ ବିଚାରପତି ସାଜନ୍ତି । ସବୁ କେଶ କୋର୍ଟକୁ ଯାଏନି କୋର୍ଟ ବାହାରେ ମଧ୍ୟ ଅନେକ କେଶ ଲୋକମାନଙ୍କ ଦ୍ୱାରା ସମାଧାନ ହୋଇଥାଏ ଆଉ ସେ ଅଂଚଳର ସେହି କେଶ ଗୁଡିକୁ ଏହି ବିଚାରପତି ଜଣଙ୍କ ନିରପେକ୍ଷ ଭାବେ ସମାଧାନ କରିଥାନ୍ତି ।

ବାପା ଆରପାରିକୁ ଚାଲିଗଲା ପରେ ନିଜର ମା, ଧର୍ମପତ୍ନୀ ଆଉ କନ୍ୟା ଅମ୍ବିକାକୁ ନେଇ ତାଙ୍କର ପରିବାର । ତାଙ୍କ ପାଖରେ ସମୟର ବହୁତ ଅଭାବ, ଦିନ ସାରା ନିଜ ବ୍ୟବସାୟ ରେ ବ୍ୟସ୍ତ ରୁହନ୍ତି ଆଉ ସନ୍ଧ୍ୟା ହେଲେ ବାହାରି ପଡନ୍ତି ଅନ୍ୟମାନଙ୍କ ସମସ୍ୟାର ସମାଧାନ ପାଇଁ । ଘର କଥା ମଧ୍ୟ ବୁଝିବାକୁ ଠିକରେ ସମୟ ପାଆନ୍ତିନି । ଅବଶ୍ୟ ମା ଆଉ ସ୍ତ୍ରୀ ଝଗଡା ଲାଗିବା ସିଏ ଅନେକ ସମୟରେ ଶୁଣିଛନ୍ତି । କିନ୍ତୁ ସେ କଥାକୁ କାନ ଦିଅନ୍ତିନି । କେତେବେଳେ ମା ସ୍ତ୍ରୀ ନାଁରେ କୁହେ ତ କେତେବେଳେ ସ୍ତ୍ରୀ ମା ନାଁ ରେ । ସବୁକିଛି ଶୁଣି ନଶୁଣିଲା ପରି ରହିଯାଆନ୍ତି ସେ ।

ସେଦିନର କଥା କିନ୍ତୁ ଥିଲା ଟିକେ ନିଆରା । ନିଜ ବ୍ୟବସାୟକୁ ନେଇ ବିଶ୍ୱଜିତବାବୁ ଦୁଇଦିନ ପାଇଁ ମୁମ୍ବାଇ ଯାଇ ଆଜି ଘରେ ପାଦ ଦେଉଛନ୍ତି ଘରଣୀ ବଖାଣି ବସିଲେ ତାଙ୍କ ଶାଶୁଙ୍କ ଗୁଣ ସବୁକୁ । " ତୁମ ମାଙ୍କ ସହିତ ମୁଁ ଆଉ ଚଳି ପାରିବିନି ଏକୁଟିଆ ଲୋକ କେତେ କାମ କରିବି । ତୁମ ମା ତ କୁଟା ଖଣ୍ଡକୁ ବି ଦି ଖଣ୍ଡ କରିବେନି ସେଥିରେ ପୁଣି ସବୁ କଥାରେ ଖୁଣ୍ଟୁଥିବେ । ଅଲଣା କି ଲୁଣିଆ ହେଲା ଟିକେ ବି ଆଡ଼ଜଷ୍ଟ କରିବେନି ସବୁବେଳେ ଖାଲି ଗେରେ ଗେରେ । ତୁମେ ନିଜେ ଠିକ କର ଏ ଘରେ କିଏ ରହିବ ତୁମ ମା' ନା ମୁଁ । ମୋ ସାଥେ ରହିବାକୁ ଥିଲେ ତୁମ ମାଆକୁ ନେଇ ବୃଦ୍ଧାଶ୍ରମରେ ଛାଡି ଆସ । ମା ସାଥେ ରହିବାକୁ ଚାହୁଁଥିଲେ ମୋତେ ନେଇ ମୋର ବାପଘରେ ଛାଡି ଆସ " । ବିଶ୍ୱଜିତଙ୍କ ମନକୁ କଣ ଆସିଲା କେଜାଣି ନିଜ ମାକୁ ବାହାରିବାକୁ କହିନେଇ ବୃଦ୍ଧାଶ୍ରମରେ ଛାଡିଆସିଲେ। ବୃଦ୍ଧାଶ୍ରମରେ ସିନା ଛାଡି ଆସିଲେ କିନ୍ତୁ ନିଜକୁ ନିଜେ ଅପରାଧୀ ବୋଲି ଭାବୁଥିଲେ । ସେହି ମା କୋଳରେ ସେ କେତେ ଅଳି ଅର୍ଧଳି କରିଛନ୍ତି। ତାଙ୍କ ଦେହ ଟିକେ ଖରାପ ହୋଇଗଲେ ସେହି ମାଆ ରାତି ରାତି ଅନିଦ୍ରା ହୋଇ ବସିଛି । ନିଜେ ନଖାଇ ତାକୁ ଖୋଇଛି । ମାଂସ ତରକାରୀ ହୋଇଥିଲେ ତରକାରୀରୁ ମାଂସ ସବୁ ତାଙ୍କୁ ଦେଇ ଆଳୁ ଝୋଳ ଲଗେଇ ଖାଇବାର କେତେଥର ସିଏ ନିଜ ମା' କୁ ଦେଖିଛି । କିନ୍ତୁ ଆଜି ମା'ର ସାମାନ୍ୟ କଥାକୁ ସିଏ ସହି ନପାରି ତାକୁ ନେଇ ବୃଦ୍ଧାଶ୍ରମରେ ଛାଡି ଆସିଛି ।

ମାଆକୁ ସିନା ସିଏ ଛାଡି ଆସିଛି । କିନ୍ତୁ ଶୀତ ସକାଳଟା ରେ ବି ବିଶ୍ୱଜିତଙ୍କ କପୋଳ ଦେଶରେ ଅନେକ ଘର୍ମବିନ୍ଦୁ । ବେଡ଼ରୁମର ଝରକା ପାଖରେ ଥିବା ଥଣ୍ଡା ଆମ୍ବଗଛଟା ଉପରୁ ଭାସି ଆସୁଥିବା ଡ଼ାମରା କାଉର କର୍କଶ ରାବ ଖୁବ୍ ଅସହ୍ୟ ବୋଧ ହେଉଛି ତାଙ୍କୁ । ଅନେକ ଅସମାହିତ ପ୍ରଶ୍ନର ଉତ୍ତର ଖୋଜି ଚାଲିଛନ୍ତି ସେ ନିଜ ଭିତରେ ହଠାତ ଟେଲିଫୋନର କ୍ରିଙ୍ଗ କ୍ରିଙ୍ଗ ଆବାଜରେ ନିଜକୁ ପ୍ରକୃସ୍ଥିତ କରିନେଲେ ବିଶ୍ୱଜିତ। କେହି ଜଣେ ଫୋନ କରିଥିଲା ତାଙ୍କ ଘରେ ତାର ସ୍ତ୍ରୀ ଆଉ ମା'ଙ୍କ ମଧ୍ୟରେ ଝଗଡା ଲାଗିଥିଲା । ସେ କାଲି ରାତିରେ ମା'କୁ କହିଥିଲା ଆଜି ନେଇ ବୃଦ୍ଧାଶ୍ରମରେ ଛାଡି ଆସିବାକୁ କିନ୍ତୁ ରାତି ପାହିଲା ବେଳକୁ ତାର ମା' ପଙ୍ଖାରେ ଝୁଲୁଥିଲା । ପୋଲିସ କେଶ ହେବ, ପୋଲିସ ଆସିବ, ଅନେକ ଅଜଣା ପ୍ରଶ୍ନର ଉତ୍ତର ମାଗିବ । ସେଥିପାଇଁ ସେ ବିଶ୍ୱଜିତଙ୍କ ପରାମର୍ଶ ନେବାକୁ ଚାହୁଁଛି ।

ବିଶ୍ୱଜିତଙ୍କ ପାଖରେ କିଛି ଉତ୍ତର ନଥିଲା ନିଜ ଆଖିର ଲୁହରେ ରିସିଭର ଟି ସମ୍ପୂର୍ଣ୍ଣ ଭିଜି ସାରିଥିଲା । ତାଙ୍କର ବିଚାରବୋଧ ତାଙ୍କୁ ଯେମିତି କଟାକ୍ଷ କରୁଥିଲା । ନିଜକୁ ସମ୍ଭାଳି ପାରିଲେନି ସେ । ଲଥକିନା ଫୋନଟିକୁ ରଖିଦେଲେ । ଆଉ ବାହାରି ଗଲେ ନିଜର ମା ପାଖକୁ .....

ବାଙ୍ଗାଲୋର-୫୬୦୦୮୩/ ମୋ-୦୮୮୯୨୩୦୧୧୪୩

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ସୃଜନୀ ପରିବାର,ଚେନ୍ନାଇ
ହରଣ୍ଟୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଅନୁତାପର ଅଶ୍ରୁ....

ସୁପ୍ରଭା ସାମଲ

ଜୀବନର ସେଇ ଗତାନୁଗତିକତାର ଶଗଡ଼ ଗୁଳା ଉପରେ ଚାଲି-ଚାଲି ଥକି ପଡୁଥିବା ଅବଶ ପାଦ ଦୁଇଟିକୁ ଯେ ଏଥର ବିଶ୍ରାମ ଦରକାର, ଏକଥା ବେଶ ଭଲ ଭାବେ ବୁଝିସାରିଥିଲେ ସଦାନନ୍ଦ । ଜୀବନ ତମାମ ଅସହ୍ୟ ହେଉଥିବା ଗୁଡ଼ାଏ କଷ୍ଟ ଓ ଯନ୍ତ୍ରଣାର ବୋଝକୁ ମୁଣ୍ଡେଇ ଆଉ କେତେ ବା ବାଟ ଚାଲିପାରିଥାନ୍ତେ ଯେ... ! ଛାତି ତଳେ ଜମାଟ ବାନ୍ଧିଥିବା କୋହ ଓ ଝରି ପଡିବା ଆଗରୁ ଆଖି କୋଣରେ ଲୁଚାଇ ଦେବାକୁ ପଡୁଥିବା ଲୁହକୁ ଆଉ ବା କେତେ ଦିନ ନିଜ ଆୟତ୍ତରେ ରଖି ପାରିଥାନ୍ତେ ସିଏ ।

ଦେଖି ହେଉ ନ ଥିବା କି ଦେଖାଇ ହେଉ ନ ଥିବା ଅଜାଗା ଘା'ର ଯନ୍ତ୍ରଣା ଭଳି କହି ହେଉ ନ ଥିବା କି ସହି ହେଉ ନ ଥିବା ଅସରନ୍ତି ବ୍ୟଥା ଓ ବେଦନାର ଜହରକୁ ପିଇ ପିଇ ସେ ଯେ ଆଜି ମୃତ୍ୟୁ ପଥର ଯାତ୍ରୀ... ଆଉ ବା କେତେ ଦିନ ଯେ ଆୟୁଷ ତାଙ୍କର... ଆଉ ତ ହାତଗଣତି କେଇଟି ମାତ୍ର ଦିନର ଅତିଥି ସିଏ ଏଇ ଦୁନିଆଁ ରେ ।

ଛାତି ଥରାଇ ବାହାରି ଆସୁଥିଲା ଦୀର୍ଘଶ୍ୱାସ । ଆଖି ଆଗରେ ଧ୍ୱଂସ ବିଧ୍ୱସ୍ତ ତାଙ୍କ ହାତଗଢ଼ା ପରିବାରର ରୂପଚିତ୍ର । ଅବ୍ୱିବେକୀ ପଣିଆର ବାରୁଦ ଗଦା ଉପରେ ଠିଆ ହୋଇଥିବା ତାଙ୍କ ସ୍ୱପ୍ନ ଓ ଭବିଷ୍ୟତର ବିସ୍ଫୋରଣ ଘଟୁଥିଲା ଯେମିତି ପ୍ରତି ମୁହୂର୍ତ୍ତରେ । ସଦାନନ୍ଦଙ୍କ ମୁହଁରେ ଦୁଃଖର କାଳିମା, ପାଖରେ ବସି ଅନବରତ ଲୁହ ଢାଳୁଥାନ୍ତି ପତ୍ନୀ ଅରୁଣିମା ଆଉ ଉଭୟ ନିନ୍ଦୁଥାନ୍ତି ନିଜ କପାଳକୁ ।
କେତେ ଓଷା, ବ୍ରତ, ଉପବାସ ଓ ମାନସିକର ପ୍ରତି ବଦଳେ ସେମାନେ ପୁଅଟିଏ ପାଇଥିଲେ ଯେ, ଖୁବ ଆଶା ଥିଲା 'ପୂତ'ନାମକ ନର୍କରୁ ଉଦ୍ଧାର କରି ଯିଏ ତାଙ୍କ ଜୀବନର ଶେଷ ଅବସ୍ଥାରେ ଆଶା ବାଡ଼ି ସାଜିବ, ଆଉ ଯାହା ହାତରୁ ତୁଳସୀ କି ଗଙ୍ଗାଜଳ ଟିକେ ପାଇ ସେମାନେ ମୋକ୍ଷ ଲାଭ କରିବେ ।

ଯେଉଁଥିପାଇଁ ଜନ୍ମରୁ ତାର ପ୍ରତିଟି ଅଳି ଅର୍ଦଳୀ ସେମାନେ ପୂରଣ କରି ଆସିଛନ୍ତି ବିନା ଦ୍ୱିଧାରେ, ପାଠ ପଢା ଠାରୁ ନିଜ ଇଚ୍ଛା ମୁତାବକ ଚାକିରୀ ଓ ମନ ପସନ୍ଦର ଝିଅକୁ ବିବାହ ପର୍ଯ୍ୟନ୍ତ କେଉଁଥିରେ ମଧ୍ୟ ଆପତ୍ତି କରି ନାହାନ୍ତି । ଅଥଚ ଝିଅ ଦୁଇଟିଙ୍କୁ ପ୍ରତିଟି କ୍ଷେତ୍ରରେ ଅବହେଳା କରି ଆସିଛନ୍ତି ।ଏମିତିକି ତାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଷୟରେ ବି ଥରୁଟେ ଗୁରୁତ୍ୱ ଦେଇପାରି ନାହାନ୍ତି ।କେବେ ପେଟ ଭରି ସେମାନଙ୍କୁ ଖାଇବାକୁ ଦେବା ତ ଦୂର ର କଥା ଓଷା, ବାରରେ ଭଲ ଖଣ୍ଡେ ପିନ୍ଧିବା ପାଇଁ ବି ଦେଇନାହାନ୍ତି, ପୁଅପ୍ରତି ଅହେତୁକ ଭଲ ପାଇବାର ମୋହରେ ।କେବଳ ପୁଅର ପ୍ରତିଟି ଆବଶ୍ୟକତାକୁ ପ୍ରାଧାନ୍ୟ ଦେଇଛନ୍ତି ସବୁବେଳେ । ହେଲେ ସେଇ ଝିଅମାନେ ଆଜି ନିଜର ଚେଷ୍ଟା, ନିଷ୍ଠା ଓ ଅଧ୍ୟବସାୟ ବଳରେ ସବୁ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ପାଠ ପଢି ରୋଜଗାର କ୍ଷମ ହୋଇପାରିଛନ୍ତି ବୋଲି ତ ସଦାନନ୍ଦଙ୍କ ଭଳି ଜଣେ କର୍କଟ ରୋଗାକ୍ରାନ୍ତ ମଣିଷପାଇଁ ସେମାନଙ୍କ ସମସ୍ତ ରୋଜଗାର ଟଙ୍କାକୁ ପାଣି ଭଳି ଖର୍ଚ୍ଚ କରି ଦେବାକୁ କୁଣ୍ଠାବୋଧ କରି ନାହାନ୍ତି । ଥରୁଟେ ନିଜ ଭବିଷ୍ୟତ କଥା ବି ଭାବିବାକୁ ଉଚିତ ମନେ କରି ନାହାନ୍ତି ।

କର୍କଟ ଭଳି ଗୋଟେ ଦୂରାରୋଗ୍ୟ ବ୍ୟାଧି ଓ ବ୍ୟୟ ବହୁଳ କେମୋଥେରାପିର ଚିକିତ୍ସା ପ୍ରୟୋଗ ରେ ସାରା ପରିବାର ଆଜି ସର୍ବସ୍ୱାନ୍ତ । ତଥାପି ତାଙ୍କୁ ବଞ୍ଚାଇ ରଖିବା ପାଇଁ ଝିଅ ମାନଙ୍କ ଚେଷ୍ଟା ଓ ଉଦ୍ୟମରେ କେବେମଧ୍ୟ ଅବହେଳା ଘଟିନି... । ନିଜ ନିକଟରେ ନିଜେ ଛୋଟ ହେଇଯାନ୍ତି ସଦାନନ୍ଦ । ପୁଅକୁ ମୁଣ୍ଡରେ ମୁଣ୍ଡାଇ କଣ ମିଳିଲା ତାଙ୍କୁ....? ତାଙ୍କର ଏମିତି ଅବସ୍ଥାରେ ପୁଅ କି ବୋହୂ ଥରୁଟେ ହେଲେ ତାଙ୍କୁ ଦେଖା କରିବାକୁ ଆସିବା ତ ଦୂରର କଥା ଫୋନରେ ବି କେବେ ଭଲ, ମନ୍ଦ ଖବର ବୁଝି ନାହାନ୍ତି । ନିଜ ଭୁଲ ତାଙ୍କୁ ରୋଗର ଯନ୍ତ୍ରଣା ଠାରୁ ଆହୁରି ବେଶୀ କଷ୍ଟ ଦେଉଥିଲା ।

ପତ୍ନୀଙ୍କ ଆଖିରୁ ଝରୁଥିବା ଲୁହକୁ ପୋଛିଦେଇ ବୁଝାଉ ଥିଲେ ସଦାନନ୍ଦ, ତମେ କାନ୍ଦନି ଅରୁ... ମୋ ଅବର୍ତ୍ତମାନରେ କିଛି ବି ଅସୁବିଧା ହେବନି ତମର... କାରଣ ଆମ ଝିଅ ଦୁଇ ଜଣ କୌଣସି ପୁଅଙ୍କ ଠାରୁ କମ ନୁହନ୍ତି । ତମେ ତ ଆଖିରେ ଦେଖୁଛ ସବୁ... ସେମାନେ ହିଁ ଆମ ବିଶ୍ୱାସ ଓ ଭରସା । ମୋ ପରେ ତମେ ଯେତିକି ଦିନ ବଞ୍ଚିବ କଥା ଦିଅ ତମ ଚାରିପଟ ର ମଣିଷ ମାନଙ୍କୁ ଆମ ଉଦାହରଣ ଦେଇ ସଚେତନ କରାଇବା ଲୋକଙ୍କ ମନରେ ବସା ବାନ୍ଧି ରହିଥିବା ପୁଅ ଓ ଝିଅ ମଧ୍ୟରେ ଥିବା ଉଚ୍ଚ, ନୀଚର ଭେଦ, ଭାବକୁ ଦୂର କରିବା ପାଇଁ ତମ ପ୍ରୟାସ ଓ ଉଦ୍ୟମ ଜାରୀ ରଖିବ । ଯାହା ଫଳରେ ଆମ ଭଳି ପୁତ୍ର ମୋହରେ ଅନ୍ଧ ସାଜିଥିବା ବାପା, ମାଆଙ୍କୁ ଉଚିତ ଶିକ୍ଷା ମିଳିପାରିବ । ଝିଅ ଦୁଇ ଜଣଙ୍କ ନିକଟରେ ବି ନିଜ ମନ କଥା ବ୍ୟକ୍ତ କରି ଖୁବ ଅଶ୍ରୁ ତର୍ପଣ କରିସାରିଥିଲେ ସଦାନନ୍ଦ ।

ପୁତ୍ର ମୋହରେ ବ୍ୟଥିତ ମଣିଷଟିର ପ୍ରାଣ ବାୟୁ ଉଡିଯାଇଥିଲା ଗୁଡ଼ାଏ ଅତୃପ୍ତ ଇଚ୍ଛା ଓ ଅନୁତାପ ଭରା ଅଶ୍ରୁର ଦାବାନଳ ରେ.... ।

ମାହାଙ୍ଗା, କଟକ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ସୃଜନୀ ପରିବାର,ଚେନ୍ନାଇ

ହରଣ୍ଟୁୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ବିନା ଠିକଣାର ଚିଠି

ସୁବାଷ ଚନ୍ଦ୍ର ପଣ୍ଡା

ଅନ୍ତତଃ ୫୦/ ୫୨ ବର୍ଷ ତଳର କଥା ।

କଲେଜରେ ପଢିଲା ବେଳେ ହଷ୍ଟେଲରୁ ପଟ୍ଟାମୁଣ୍ଡାଇ ଦୁର୍ଗା ପୂଜା ଦେଖିବାକୁ ସାଙ୍ଗମାନଙ୍କ ସହ ଯାଇଥାଏ । ବେଶ୍ ଭିଡ ! ଝିଅଟିଏ ଆଖି ଆଗରେ ଚାଲିଗଲା ହାତ ଧାରା-ଧରି ହୋଇ ତା'ର ସାଙ୍ଗମାନଙ୍କ ସହ । ଚାଲି ଗଲାନି ତ ଦୃଷ୍ଟିଟାକୁ ଟାଣି ନେଇଗଲା ଯେମିତି । ଭିଡରେ ତାକୁ ଖୋଜି ପାଇବା ମୁସ୍କିଲ କଥା ଭାବି ଚୁପ୍ ଚାପ୍ ରହିଗଲି । ମନ ଆଇନରେ ଫ୍ରକ୍ ପିନ୍ଧା ସେ ଝିଅଟିର ପ୍ରତିଛବି ସେଇମିତି ରହିଗଲା ।

ପରବର୍ଷ ଦଶହରାକୁ ପୁଣି ଗଲି ସେହି ଦୁର୍ଗା ମଣ୍ଡପକୁ ,ସେଦିନ ସାଥିରେ ଥାଏ ମୋ ପିଲାଦିନ ବନ୍ଧୁ ସୁବ୍ରତ । ମଣ୍ଡପ ପରିସର ରେ ପାଦ ଦଉ-ଦଉ ପ୍ରଥମେ ସେଇ ଜାଗାକୁ ଗଲି ,ଯେଉଁଠି ସେ ଝିଅଟିକୁ ଗତ ବର୍ଷ ଦେଖିଥିଲି । ଝିଅ ତ ନଥିଲା ,କିନ୍ତୁ ପଟେ ପାଉଁଜି ପାଇଲି । ସୁବ୍ରତକୁ ଦେଖାଇ କହିଲି - ଏଇ ଦେଖ୍ ପଟେ ରୂପା ପାଉଁଜି ,ନୂଆ ନୂଆ ଲାଗୁଥିଲା ।

- ସୁବ୍ରତ କହିଲା ଦେଖ୍ ବେ ଆର ପଟଟା ମିଳିଯାଇପାରେ । ତା' ଥଟ୍ଟା ସରିନି ,୨/୩ ଟି ଝିଅ ତଳକୁ ମୁହଁ କରି କ'ଣ ଗୋଟେ ଖୋଜିଲା ଭଳି ଆସୁଥାନ୍ତି ।..... ମୁଁ ପଚାରିଦେଲି - " ଏଇ ପାଉଁଜି ଟା ଖୋଜୁଛ କି "? ସେ ଝିଅଙ୍କ ଭିତରୁ ଜଣେ ଦୁଇ ହାତ ଆଞ୍ଜୁଳି କରି ମୋ ନିକଟକୁ ଆଗେଇ ଆସିଲା ,ପାଉଁଜିଟା ତା' ହାତରେ ଦେଲା ବେଳେ ତା' ମୁହଁକୁ ଚାହିଁ ଚମକି ପଡିଲି, ... - ଆରେ ଏ'ତ ସେଇ ଝିଅ । ସୁବ୍ରତ କହିଉଠିଲା ଆରେ ବୁଢ଼ୀ , ପାଉଁଜିଟା ତେବେ ତୋରି ? ଯାହା ହେଉ ମିଳିଗଲା । ଝିଅଟି ପାଉଁଜି ନେଇ ଚାଲିଗଲା କିନ୍ତୁ ବାରମ୍ବାର ପଛକୁ ଚାହୁଁଥିଲା , ମୁଁ ଚାହିଁ ରହିଥିଲି ଆଖିର ପଲକ ନ ପକାଇ । ମୋତେ ଲାଗୁଥିଲା ସେ ପଛକୁ ଚାହୁଁନି ତ କିଛି ଗୋଟାଏ ଛାଡି ଯାଉଛି... ।

ପୂଜା ଛୁଟିରେ ସୁବ୍ରତ ନିଜ ଘରକୁ ଗଲା । ଘରୁ ଫେରି ମୋତେ ଦେଖାକରି କହିଲା " ବୁଢ଼ୀ ତୋ କଥା ପଚାରୁଥିଲା ,କହୁଥିଲା ତୁ କୁଆଡେ ଭାରି ଭଲ" । ମୋତେ ଲାଗୁଥିଲା ମୋ କାନ ଆଉ କିଛି ଶୁଣିବାକୁ ଚାହୁଁଚି । --- କ୍ରମେ ତା'ର ଚିନ୍ତା ମୋତେ ଆଚ୍ଛନ କଲା । ଭାବିଲି ଚିଠି ଖଣ୍ଡେ ଲେଖିବି ,କିନ୍ତୁ କ'ଣ ଲେଖିବି ? ସିଏ କ'ଣ ଭାବିବ ? ଅନେକ ଚିନ୍ତା ଦୁଶ୍ଚିନ୍ତା ପରେ ଚିଠି ଖଣ୍ଡେ ଲେଖିଲି ,ତାହା ଏକ ଆବେଗ ପୂର୍ଣ୍ଣ ଅନୁରାଗ ଭରା ଚିଠି । ଲେଖି ଯେ ଦେବି କିପରି ? ଠିକଣା କ'ଣ ? ଏପରି ଭାବି-ଭାବି ସାଧା କାଗଜରେ ଲେଖା ଚିଠିଟି ଚାରିଭାଙ୍ଗ କରି 'ଡିକ୍ସିନାରୀ' ଭିତରେ ରଖିଦେଲି । ପରୀକ୍ଷା ପାଖେଇ ଆସିଲା , ପାଠପଢା ଚାପରେ ଚିଠି କଥା ଭୁଲିଗଲି ।

ପରୀକ୍ଷା ପରେ ଘରକୁ ଆସିଲି । ବୋଉ ଅସୁସ୍ଥ ହୋଇଯାଇଥାଏ ଏବଂ ତା'ର ଅସୁସ୍ଥତା ହେତୁ ଦୁଇ ଓଳି ରୋଷେଇ ହେବା କଷ୍ଟକର ହୋଇପଡୁଥାଏ । ବାପା ୨୫ /୩୦ କିଲୋମିଟର ଦୂରରେ ଗୋଟେ ଗାଁରେ ଶିକ୍ଷକତା କରୁଥାନ୍ତି । ବୋଉର ଜିଦ ଓ ଅସୁସ୍ଥତା ହେତୁ ବାପା ମୋର ବିବାହ କରିଦେବା ନିଶ୍ଚିତ କଲେ । ଶେଷ ବର୍ଷ ବି.ଏ. ପଢିବା ବେଳେ ହିଁ ମୋର ବିବାହ ହୋଇଗଲା । ମୁଁ ନିରୁପାୟ...,... ନିର୍ବାକ ।

ବିବାହ ପରେ ବର-କନ୍ୟାଙ୍କ ମୁଖ ଦର୍ଶନ ସମୟରେ ମୁଁ ଚମକି ପଡିଲି - ଆରେ ,ଏ ତ ସେଇ ପାଉଁଜି ଝିଅ !! .. ଝିଅଟି ଥରେ ମାତ୍ର ଆଖି ମିଳେଇ ତଳକୁ ମୁହଁ କରି ବସିଥାଏ ....।

Xxxx

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ସୃଜନୀ ପରିବାର,ଚେନ୍ନାଇ
ହରିଣ୍ଟୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଶେଷ ଉପହାର

ରମେଶ ଚନ୍ଦ୍ର ପସାଏତ୍

କ୍ରମେ କ୍ରମେ ଘନେଇ ଆସୁଛି ଆୟୁସୂର୍ଯ୍ୟର ଅସ୍ତପର୍ବ । ଜୀବନ ନାଟକରେ ଶେଷ ଦୃଶ୍ୟର ଯବନିକା ପଡିବା ପୂର୍ବରୁ ମୁଲୁର୍ ମୁଲୁର୍ ହସୁଛନ୍ତି ଜେମାମଣି । ଅଜାଣତରେ ବହିଯାଉଛି ଅଜସ୍ର ଆନନ୍ଦାଶ୍ରୁ ଅସଂଖ୍ୟ ରହସ୍ୟର ଗନ୍ତାଘର ପରି ମନେ ହେଉଥିବା ନୟନ ଗୁମ୍ଫାରୁ। ସେ ଫେରିଯାଇଛନ୍ତି ଆଜି ସେଠାକୁ ଯାହା ନିଶ୍ଚିହ୍ନ କିନ୍ତୁ ସ୍ମୃତିର ହରିତ ଧରିତ୍ରୀରେ ଚିର ଜୀବନ୍ତ ସେ ନିପଟ ମଫସଲ " ମହାଦେବପାଲି " ଗାଁକୁ । ୮୫ବର୍ଷ ବୟସ୍କା ଜେମାମଣି ପାଲଟି ଯାଇଛନ୍ତି ଅବଗୁଣ୍ଠନବତୀ ରୂପସୀ ନବବଧୂ । ତେଣୁ ତାଙ୍କ ଆଖି ଓ ଅଧରରୁ ପିଚିକି ପଡୁଛି ଶିହରିତ ରସାଳ ସରୁ ହସ ।

ଆଜକୁ ୭୦ବର୍ଷ ତଳେ ସେ ଆସିଥିଲେ କ୍ଷମାସାଗରଙ୍କ ଧର୍ମପତ୍ନୀର ବ୍ରତ ନେଇ ଅପୂର୍ବ ମଧୁଲଗ୍ନରେ। ବାସର ରାତିରେ କୁଳଦୀପକୁ ସାକ୍ଷୀ କରି ଶପଥ ନେଇଥିଲେ ପରିବାରକୁ ଏକତ୍ର ସାଉଁଟି ରଖିବାକୁ। ପିତାମାତାଙ୍କୁ ଆଜୀବନ ଶ୍ରେଷ୍ଠ ଦେବତା ରୂପେ ସେବା ଦେବାକୁ । ସହିବାର ମନ୍ତ୍ର ଧରି ସଜାଡିବାକୁ ନିତ୍ୟ ମଧୁ ପାର୍ବଣ କରି ଗୃହ ମନ୍ଦିରକୁ। ସ୍ଥିର ମନରେ ମନନଶୀଳ ଚେତନାଶ୍ରୟୀ ହେବାକୁ। ଟିକିଏ ବି ପଥଭ୍ରଷ୍ଟ ହୋଇ ନାହାନ୍ତି କଦାଚ। କ୍ଷମାସାଗର ବି ପୂର୍ଣ୍ଣ ଭଲପାଇବାର ନିଦର୍ଶନ ପରି ମଣିଷଟେ । ସେ ଯେତେବେଳେ ଆଦ୍ୟଗର୍ଭା, କ୍ଷମାସାଗରଙ୍କ କୌତୁକ ଚାପଲ୍ୟ କହିଲେ ନ ସରେ । ତା ସେ ଏବେ ବି ମନେ ରଖିଛନ୍ତି।..... ବଡପୁଅ ବଂଶୀକୁ ଦେଢ ବର୍ଷ ଓ ସେ ପୁନଶ୍ଚ ଅନ୍ତଃସତ୍ତ୍ୱା । ଏ ସମୟରେ ଆରମ୍ଭ ହୁଏ ହୀରାକୁଦବନ୍ଧ ଯୋଜନାର ଜମି ଅଧିଗ୍ରହଣ । ଭିଟାମାଟିକୁ ଛାଡିବାକୁ ବାଧ । ନା କିଛି ସାହାଯ୍ୟ । .....କେବଳ ପ୍ରତିଶୃତିର ପାଣିଗାର....।

ସେ ଆଜି ଚାରିପୁଅ, ଚାରିବୋହୁ, ଆଠ ନାତି ଓ ଦୁଇ ନାତୁଣିଙ୍କ ସ୍ନେହପୂର୍ଣ୍ଣ ଏକାନ୍ନବର୍ତ୍ତୀ ପରିବାର। ସତରେ କ୍ଷମାସାଗର ଥିଲେ କେତେ ଖୁସି ହେଉଥାନ୍ତେ...।

ଥକଥକେଇଗଲେ ଜେମାମଣି । ସାୟନ୍ତନୀ ଶୁଭଶଙ୍ଖ ବାଜିଉଠିଲା ମନ୍ଦିରରେ ଓ ନିଜ ଘରେ । ତୁଳସୀମୂଳେ ସଞ୍ଜଦୀପ ଜାଳି ବଡବୋହୁ ସାଧବୀ ଶଯ୍ୟାଶାୟୀ ଶାଶୁଙ୍କୁ ପ୍ରସାଦ ଦେଇ ମୁଣ୍ଡିଆ ମାରିଲା।

- ଜେମାମଣିଙ୍କ ଆଶୀର୍ବଚନ- ଭଲେଁ ଥା ମାଁ । ସାଧବୀ ଲେଉଟିଲା ବେଳକୁ ତା ହାତକୁ ଧରିପକାଇ କହିଲେ-- ମୋର କଥାଗୁଟେ ମାନବୁ ମାଁ ?

- ହଁ ,ମାଁ କହ। ତୁମର କଥାକେ ମୁଇଁ କେଁଭେ ଡେଗି ପାରମି । ଯେନଟା କହେବ ମାନମି ମାଁ ।

- ହଁ ମୁଇଁ ଜାନିଥିଲିଁ ଏନ୍ତା କହେବୁ ବଲି । ଯା ମାହାପୁରୁ ଘରର୍ ମଙ୍ଗଳାକୁଠି ତରେଁ ଗୁଟେ କୁଁଢି ଅଛେ ଆନବୁ ।.....

କୁଁଢି ଭିତରୁ ଏକ ଗଣ୍ଠୁଲି ବାହାରକରି ଧିରେ ଧିରେ ତିନିଥର ମୁଣ୍ଡରେ ଛୁଆଁଇ ପ୍ରଣମିଲେ ଜେମାମଣି । ତା ଭିତରୁ କିଛି ଗୁଣ୍ଡ କପାଳରେ ପଡିଲା । ତହିଁରୁ କିଛି ଚାଟି ପକାଇଲେ । ତାକୁ ସାଧବୀକୁ ଦେଇ କହିଲେ -" ଇଟାକେ ତୁଇଁ ଯତନେ ରଖିବୁ। ପୂଜା କରବୁ । ଇଥୁଁ ବଡ ଦରବ ମୋର ନ ନେଁ ନ । ଇଟା ମୋର ଶେଷ ଉପହାର ଆଏ । ଇଟା କେ ତୁଇଁ ଭି ତୋର ବଡଖା ବହୁକେ ଦେବୁ ।"

- ଇଟା କାଡେଁ ଆଏ ମାଁ ?

- ଯା, ମାହାପୁରୁ ଘରେ ହିଁଟାବୁ,ଦେଖେଲେଁ ଜାନିଯିବୁ ଯେ ..

ସାଧବୀ ମାହାପୁରୁ ଘରେ ତାକୁ ଖୋଲି ଦେଖିଲା , କଛି ମାଟିଗୁଣ୍ଡ ଓ କାଗଜଟିରେ ଲେଖାଥିଲା -" ଇଟା ଆମର ମହାଦେବପାଲି ଘରର ମଙ୍ଗଳା-କୁଠିର୍ ମାଏଟ୍ ଆଏ ।"

ଦୌଡି ଆସି ସାଧବୀ କହିଲା,- 'ହେକି ଦିନୁ ଇଟା ରଖିଥିଲ ମାଁ!"

କିନ୍ତୁ ଉତ୍ତର ଦେବାକୁ ଆଉ ଜେମାମଣି ନ ଥିଲେ । ଥିଲା ଖାଲି ଏକ ଜରାଜୀର୍ଣ୍ଣ ଶୂନ୍ୟ ପ୍ରାଣ ଦେହଟେ.. ..।

(ସଂସ୍କୃତ ଶିକ୍ଷକ) ,ନଟବର ଉଚ୍ଚବିଦ୍ୟାଳୟ କଣ୍ଟେଇକେଲା,ଝାରସୁଗୁଡା / ମୋ : ୯୭୭୭୩ ୯୪୫୫୮

ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହରିଣ୍ଟୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଉପାଧିର ମୋହ

ଦିଗରାଜ ବ୍ରହ୍ମା

ସେ ସମୟରେ ମୁଁ କଟକରେ ପଢୁଥାଏ । ଗାଁକୁ ଦଶହରା ଛୁଟି କାଟିବାକୁ ଆସିଥାଏ ।

ଦିନେ ଘର ଦାଣ୍ଡପିଣ୍ଡାରେ ବସିଥିଲା ବେଳେ ଚିରା ମୁଦ୍ରିତ କାଗଜଟିଏ ରାସ୍ତାରେ ପଡିଥିବାର ଦେଖିଲି । ଆଗ୍ରହର ସହିତ ତାକୁ ଗୋଟେଇ ଆଣିଲି । ତାହାଥିଲା ପୂର୍ବରୁ ପରୀକ୍ଷା ହୋଇଥିବା ଦଶମ ଶ୍ରେଣୀର ପ୍ରଥମ ଇଂରାଜୀ ପ୍ରଶ୍ନପତ୍ର । ସେହି ପ୍ରଶ୍ନ ପତ୍ରରେ ଓଡ଼ିଆରୁ ଇଂରାଜୀ ଭାଷାରେ ଅନୁବାଦ କରିବାକୁ ଏକ ପ୍ରଶ୍ନ ଆସିଥିଲା । ଅନୁବାଦ ପାଇଁ ଯେଉଁ କେତୋଟି ଧାଡ଼ି ପଡିଥିଲା, ସେ ଗୁଡିକ ଥିଲା ଏହିପରି:

ଏକଦା ଜଣେ ରାଜା ତାଙ୍କ ଘୋଡାରେ ଚଢ଼ି ରାଜ୍ୟ ପରିକ୍ରମା କରୁଥିଲେ । ସେ ଜଣେ ଉପକାରୀ ରାଜା ଥିଲେ । ପ୍ରଜାମାନେ ତାଙ୍କୁ ବେଶ୍ ଭଲ ପାଉଥିଲେ ।

ରାଜାଙ୍କୁ ରାସ୍ତାରେ ଦଳେ ଲୋକ ଭେଟିଲେ ।

ସେମାନେ କହିଲେ," ମହାରାଜ ! ଆପଣଙ୍କୁ ଆମେ ଖୁବ ଭଲପାଉ । ଆଜି ଆପଣଙ୍କୁ ଏକ ଉପାଧି ଦେଇ ସମ୍ମାନିତ କରିବୁ । ଆପଣ ଦୟାକରି ଆମ ଉତ୍ସବ ସ୍ଥଳକୁ ଆସନ୍ତୁ ଓ ଆମ ଉପାଧିଟିକୁ ଗ୍ରହଣ କରନ୍ତୁ।"

ରାଜା ଆଗ୍ରହର ସହିତ ପଚାରିଲେ," ସେ ଉପାଧିଟି କ'ଣ?"

" ତାହା ହେଉଛି ଡକ୍ଟରେଟ ଉପାଧି । ଆପଣ ମଧ୍ୟ ଏହି ଉପାଧିଟିକୁ ଆପଣଙ୍କ ନାମ ଆଗରେ ଲଗାଇ ପାରିବେ । ଏହା ଦ୍ବାରା ଆପଣ ନିଜକୁ ଗୌରବାନ୍ୱିତ ମନେ କରିବେ। ରାଜ୍ୟରେ ଆପଣଙ୍କ ସମ୍ମାନ ପୂର୍ବାପେକ୍ଷା ଅଧିକ ବଢିବ ।"

ଲୋକମାନଙ୍କର ଉତ୍ତର ଶୁଣି ରାଜା ଖୁସି ହୋଇଗଲେ । ସେ କହିଲେ,"ଆପଣମାନେ ମୋତେ ଯେମିତି ଭଲ ପାଆନ୍ତି, ମୁଁ ମଧ୍ୟ ମୋର ପ୍ରିୟ ଘୋଡାଟିକୁ ସେମିତି ଭଲପାଏ । ଆପଣମାନେ ମୋ ସହିତ ମୋ ଘୋଡ଼ାକୁ ମଧ୍ୟ ଡକ୍ଟରେଟ ଉପାଧିରେ ଭୂଷିତ କରନ୍ତୁ ।"

ଲୋକମାନେ ସମସ୍ୱରରେ କହିଲେ," ଛାମୁଙ୍କ ଇଚ୍ଛାହିଁ ଆମ ଇଚ୍ଛା । ଆପଣ ଦୟାକରି ସଭାସ୍ଥଳକୁ ଆସନ୍ତୁ । ଆପଣଙ୍କ ଘୋଡାକୁ ମଧ୍ୟ ଆପଣଙ୍କ ଇଚ୍ଛାନୁସାରେ ଡକ୍ଟରେଟ ଉପାଧି ମିଳିଯିବ । "

ସେ ଦିନ ଡକ୍ଟରେଟ ଉପାଧି ପାଇ ରାଜା ନିଜେ ଯେତିକି ଖୁସି ହୋଇ ନ ଥିଲେ, ବେଶୀ ଖୁସି ହୋଇଥିଲେ ଘୋଡାଟିକୁ ଏହି ଉପାଧି ତାଙ୍କ ପରାମର୍ଶ ଅନୁସାରେ ମିଳିଥିବା ହେତୁ ।

ରାଜଉଆସକୁ ପେରିଲା ବେଳେ ରାଜା ତାଙ୍କର ପ୍ରିୟ ପ୍ରଜାମାନଙ୍କୁ ସେମାନଙ୍କ ଉଦାରତା ପାଇଁ ଧନ୍ୟବାଦ ଜଣାଇଲେ। କିଛି କ୍ଷଣ ପରେ ଘୋଡାଟିକୁ ସମ୍ବୋଧନ ପୂର୍ବକ କହିଲେ,"ଡକ୍ଟର ଘୋଡ଼ା ମହାଶୟ ! ଆଉ ବିଳମ୍ବ କାହିଁକି ? ଉପାଧି ତ ପାଇଲେ , ଚାଲ ରାଜଉଆସକୁ ଫେରିଯିବା ।"

ଏହା କହି ରାଜା ଘୋଡାଟିର ପିଠିରେ ସଙ୍ଗେ ସଙ୍ଗେ ବସି ପଡିଲେ । ଘୋଡାଟି ମଧ୍ୟ ସେ ସ୍ଥାନରୁ ଖୁସି ମନରେ ରାଜଉଆସ ଅଭିମୁଖେ ପ୍ରତ୍ୟାବର୍ତ୍ତନ କଲା ।

ସେଦିନ ପଢିଥିବା ଏହି ଧାଡ଼ି ଗୁଡିକର ବିଷୟବସ୍ତୁ ମୋ ମନକୁ ଏତେ ରେଖାପାତ କରିଛି ଯେ ମୁଁ ମଧ୍ୟ ଦୀର୍ଘ ପଚାଶ ବର୍ଷ ପରେ ବେଳେବେଳେ ରାଜାଙ୍କ ଭଳି ମନେ ମନେ ଭାବୁଛି :

ମୋ ପୋଷା କୁକୁର ଲାଇକାକୁ କେମିତି ଏହି ଉପାଧିଟି ମିଳି ଯାଆନ୍ତା କି !

ସେ ମୋର ସୁରକ୍ଷା ପାଇଁ ପ୍ରତିଦିନ କେତେ କାମ କରୁଛି। ମୁଁ ତା'ପାଇଁ କ'ଣ ବା କରି ପାରୁଛି ।

ଦରକାର ପଡ଼ିଲେ ମୁଁ ମୋର ଡକ୍ଟରେଟ ଉପାଧିଟିକୁ କ'ଣ ଲାଇକା ପାଇଁ ବାଜି ଲଗାଇ ପାରନ୍ତି ନାହିଁ !

-ବ୍ରହ୍ମା ନିବାସ ,ମହାବୀର ବିହାର ,ଭୁବନେଶ୍ୱର / ମୋ :୯୪୩୭୭୮୪୫୯୨

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ସୃଜନୀ ପରିବାର,ଚେନ୍ନାଇ
ହରଣ୍ଟୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଜୀବନ ସଂଗ୍ରାମକୁ ନେଇ ଶ୍ରୀମତୀ ରାଜଲକ୍ଷ୍ମୀ ତ୍ରିପାଠୀଙ୍କ ଦ୍ୱାରା ଲିଖିତ ଦୁଇଟି ଅଣୁଗଳ୍ପ

ଦାଦନ

ଦୁଇମାସ ହେବ ବେପାର ବନ୍ଦ । ମୁଣ୍ଡରେ ହାତ ଦେଇ ବସିଛନ୍ତି ପଥର ଶିଳ୍ପୀ କାଶୀନାଥ । କଂଚାମାଲ ର ଘୋର ଅଭାବ। ଆଉ ସୁବିଧା ରେ ପଥର ମିଳୁନି। ପରିବାର ଚଳାଇବା କଷ୍ଟକର ହୋଇ ପଡିଲାଣି।ଦୁଇଓଳି ଚୁଲି ଲାଗୁନି।

ପୁଅ କାହ୍ନା ଷଷ୍ଠ ଶ୍ରେଣୀ ରେ ପାଠ ପଢୁଛି । ପିଲାଟି ଦିନ ରୁ ବାପାଙ୍କ ହାତର ପଥର କାମଦେଖି ଆଗ୍ରହରେ ପଥର ଖୋଦେଇ ଶିଖିଛି । ସେହି କୁନି କୁନି ହାତ ଦୁଇଟି ତାର ପଥରକୁ ଜୀବନ ଦେଇ ନିହାଣ ମୂନରେ ଗଢ଼ିଛି କେତେ ଠାକୁର, ପଶୁ,ପକ୍ଷୀଙ୍କ ମୂର୍ତ୍ତି। ସେ ସବୁର ବିକ୍ରି ଲବ୍ଧ ଟଙ୍କା ରେ ନିଜର ପାଠପଢା ଓ ଟ୍ୟୁସନ ଖର୍ଚ୍ଚ ତୁଲାଇଛି ସେ। ଜୀବନ ର ଏ ଘଡିସନ୍ଧି ଅବସ୍ଥା କଥା ଭାବି ଛାତି ଭିତର କୋହ ରେ ବାଷ୍ପ ରୁଦ୍ଧ ହୋଇଯାଉଥିଲେ କାଶୀନାଥ। ତାଙ୍କ ବିକଳ ଅବସ୍ଥା ଦେଖି ମୋହନ ଠିକାଦାର ଆଜି ଘରେ ଆସି ବୁଝାଇ ଅଗ୍ରୀମ ପାଂଚ ହଜାର ଟଙ୍କା ଦେଇ ଯାଇଛି। ବାପା, ପୁଅ ଦୁହେଁ କାଲି ସକାଳୁ ଗାଁ ର ଅନ୍ୟ ମାନଙ୍କ ସହ ମିଶି ଦାଦନ ହୋଇ ଇଟା ଭାଟିରେ କାମ କରିବାକୁ ଯିବେ ।

ସକାଳୁ ଶୋଇବା ଘର ଥାକ ଉପରୁ ଅଖା ବ୍ୟାଗଟି କାଢ଼ି କାଶୀନାଥ ଲୁଗା ପଟା ସଜାଡି ନେଲେ। କାହ୍ନାର ସ୍କୁଲ ବ୍ୟାଗରେ ଥିବା ବହିଖାତାକୁ ତଳେ ଥୋଇ ତା ପ୍ୟାଣ୍ଟ, ସାର୍ଟ ଦୁଇ ଖଣ୍ଡ ସେଥିରେ ରଖି ତାକୁ କହିଲେ : ମୁଁ ବସ୍ ପାଖକୁ ଯାଉଛି, ତୁ ତୋ ବ୍ୟାଗ ଟି ଧରି ଶିଘ୍ର ଆସ୍ ।

କାହ୍ନା ବ୍ୟାଗ ଧରି ମା'ପାଖକୁ ଦଉଡି ଗଲା । ମା 'ଆଖିରୁ ଲୁହ ଝରିଯାଉଛି। ଠାକୁର ଙ୍କ ଫଟୋ ପାଖେ ମୁଣ୍ଡ ରଖି କହୁଛି :ତା କଅଁଳ ହାତରେ ତୋର କେତେ ମୂର୍ତ୍ତି ସିଏ ଗଢ଼ିଛି, କେଡ଼େ ବଡ଼ ବଡ ଘରେ ଶୋଭାପାଉଛି ସେ ସବୁ। ଏଇ ଭଙ୍ଗା ଦଦରା ଘରେ ମୋ ଧନଟିକୁ ଟିକେ ରଖିପାରିଲୁନି, ମୋ ପାଖରୁ ଅଲଗା କରିନେଇ ଦାଦନ କରିଦେଲୁ !

କାହ୍ନା କିଛି ବୁଝିପାରିଲାନି । ମା'କୁ ଜାବୁଡି ଧରି କହିଲା:ତୁ କାନ୍ଦୁଛୁ କାହିଁକି? ଦାଦନ କଣ ଯେ, ମୁଁ ତ ଛୋଟ ପିଲା ଟେ,ତୋ କାହ୍ନା !

ବାହାରୁ କାଶୀନାଥ ଙ୍କ ପାଟି ଶୁଭୁଥିଲା : କାହ୍ନା ଶିଘ୍ର ଆ',ବସ୍ ଆସିଲାଣି ଯିବା ।

ଜୀବନ

ଜୀବନ ସବୁରି ପ୍ରିୟ। ମୃତ୍ୟୁ ପାଇଁ ଡର।

... ଶିତୁଆ ସକାଳୁ ପରିବା କାଟୁଥିଲା ରମା।

ବାଇଗଣ ଟିକୁ ଦୁଇଫାଳ କଲାବେଳେ ତା'ଭିତରେ ଥିବା ପୋକଟି ଆହୁରି ଭିତରକୁ ପଶିଗଲା।

ପୋକଟିକୁ ବାହାର କରି ଚାହିଁଥିଲା ଘରକୋଣ ରେ ଶୋଇଥିବା ତାର କର୍କଟ ଆକ୍ରାନ୍ତ ସ୍ୱାମୀ ଙ୍କୁ ।

କଂସେଇଖାନା ରେ କାମ କରୁଥିବା ତାର ଚଉଦବର୍ଷ ର ପୁଅ ବାପି ଶେଯରୁ ଉଠି କହିଲା- ମା, ମୁଁ ଆଜି କାମକୁ ଯିବିନି।

- କାହିଁକି, କାମ କୁ ନଗଲେ ଆମେ ଚଳିବା କେମିତି, ବାପା ର ଔଷଧ ଆଣିବା କେଉଁଠୁ?

ବାପି କାନ୍ଦି କାନ୍ଦି କହୁଥିଲା: ନା,ମା ମୁଁ ସେ ରକତ ଗୁଡାକ ଆଉ ନିତି ଦେଖି ପାରିବିନି।

ପୁରୀ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ସୃଜନୀ ପରିବାର,ଚେନ୍ନାଇ
ହରଣ୍ଟୁୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ସତ ଜଗନ୍ନାଥ

ହେମାଙ୍ଗିନୀ ଦାଶ

କଥା କହି ଶିଖିଲା ଦିନଠୁ ମିମିକୁ ଘରେ ବଡ଼ମାନେ ଶିଖାନ୍ତି, 'ସତ ଜଗନ୍ନାଥ,ମିଛ ମହାପାପ'। ସେକଥାର ଅର୍ଥ ସେ ବୁଝୁ କି ନ ବୁଝୁ, ଘୋଷିଚାଲେ ଶୁଆ ପଢିଲା ରୀତିରେ । ସତ କଣ, ମିଛ କଣ,ତାକୁ କି ଜଣା ? ନୂଆ ନୂଆ କଥା କହିବାର ବୟସ। ଶିଖିବାର ବୟସ। ସେ କେବଳ କହିଚାଲେ, ଶିଖିଚାଲେ, ଯିଏ ଯାହା ଶିଖାନ୍ତି।

...ମିମି ଟିକେ ବଡ ହୁଏ। ଠାକୁରଘରେ ସେ ଜଗନ୍ନାଥଙ୍କ ମୂର୍ତ୍ତିକୁ ଦେଖେ। ତାଙ୍କ କଳା ମୁହଁକୁ ନିରେଖେ। ଅଧାଗଢା ହାତଗୋଡ଼କୁ ଛୁଇଁକି ପରଖେ। ତା ଅବୁଝା ମନରେ ହୁଏତ ପ୍ରଶ୍ନ ଉଠେ, ଜଗନ୍ନାଥ ତ କଥା କହିପାରନ୍ତି ନାହିଁ,କିଛି ଶୁଣି ପାରନ୍ତିନାହିଁ,ଚାଲବୁଲ କରି ପାରନ୍ତିନାହିଁ,ବଡ଼ ବଡ଼ ଆଖିରେ କଣ ସବୁ ଦେଖୁଥାନ୍ତି କେଜାଣି,ପଲକ ବି ଜମାରୁ ପଡେନା। ତେବେ ସେ ସତ କେମିତି ହେଲେ ଯେ ?

... ହେଲେ ସେ ଏତିକି ଜାଣେ, ଘରେ ତାଙ୍କୁ ସଭିଏଁ ଠାକୁର ଡାକନ୍ତି। ମୁଣ୍ଡିଆ ମାରନ୍ତି। ଦୁଃଖ ପଡିଲେ ତାଙ୍କ ପାଖରେ କାନ୍ଦନ୍ତି। ଚୁପ୍ ଚୁପ୍ କଣ ସବୁ ମାଗନ୍ତି। ଠାକୁର ସତରେ କଣ ଶୁଣନ୍ତି,କଣ ବୁଝନ୍ତି, କଣ ଦିଅନ୍ତି କେଜାଣି,ତା ପରଠୁ କିନ୍ତୁ ସଭିଏଁ ଖୁସିବାସି ଦେଖାଯାନ୍ତି ଘରେ। ମିମିକୁ ବି ଠାକୁର ଆହୁରି ଭଲ ଲାଗନ୍ତି।

..... ମିମି ଆଉ ଟିକେ ବଡ ହୁଏ..... ସେ ସ୍କୁଲକୁ ଯାଏ ପାଠ ପଢିବାକୁ । ସେଠି ପ୍ରାର୍ଥନା ବୋଲେ, 'ସତ କହିବାକୁ କିଆଁ ଡରିବି,ସତ କହି ପଛେ ମଲେ ମରିବି'। ଗୁରୁଜୀ ଗୁରୁମା ମାନେ ନୀତିଶିକ୍ଷା ଦିଅନ୍ତି ,ସତ ଜଗନ୍ନାଥ,ମିଛ ମହାପାପ। ଗୁରୁମା ଗପ ଶୁଣାନ୍ତି, 'ମିଛୁଆ ରାଧୁଆ'। ମିମି ଗପରୁ ଶିଖେ,ସତ କହିଲେ ସଭିଏଁ ଭଲ ପାଆନ୍ତି, ମିଛ କହିଲେ କେହି ବି ନୁହଁ। ଗୁରୁଜୀ ଆହୁରି ମହାପୁରୁଷଙ୍କ ଜୀବନୀ କଥା ଶୁଣାନ୍ତି ; ସେମାନେ କେମିତି ମିଛକୁ ସ୍ୱୀକାର କରି ସତ କହିବା ଶିଖିଥିଲେ। ସେ ବିଷୟ ମିମିକୁ ବେଶି ଛୁଏଁ। ତେଣୁ ଧୀରେ ଧୀରେ ସତ ପ୍ରତି ତାର ସ୍ପୃହା ଆସେ, ଆଉ ମିଛ ପ୍ରତି ଘୃଣା।

.....ମିମି ଆଉ ଟିକେ ବଡ଼ ହୁଏ । ସ୍କୁଲ ସାରି କଲେଜ ଯାଏ। କୋର୍ସ ପାଠସହ ଅନ୍ୟାନ୍ୟ ବହି ପଢେ। ବଡ଼ ବଡ଼ ମନିଷୀ ମହାମନିଷୀଙ୍କ ଜୀବନୀ, ବଡ ବଡ ଲେଖକଙ୍କ ଗପ,ପ୍ରବନ୍ଧ ଓ ଆତ୍ମଜୀବନୀ। ସତ ମିଛ ଉପରେ ଗଭୀର ତର୍ଜମା କରେ। ତାହିଁରୁ ଯାହା ଶିଖେ, ତାହା ଏହିଭଳି...ସତର ସ୍ୱରୂପ ସୁନ୍ଦର ଓ ମିଛର ସବୁବେଳେ କଦାକାର । ସତ୍ୟ ହେଉଛି ଶିବ ଓ ସୁନ୍ଦରର ପ୍ରତୀକ। ସତ୍ୟର ସବୁଠି ଜୟ ହୁଏ। ତେଣୁ ସେ ଘରେ ବାହାରେ,ସାଙ୍ଗସାଥୀ ମେଳରେ ସବୁଠି କେବଳ ସତ ହିଁ କହିଚାଲେ । ଅକସ୍ମାତ ଯଦି ପାଟିରୁ କେବେ ମିଛଟିଏ ବାହାରି ଆସେ,ତେବେ ଆପେ କାମୁଡି ହେଇଯାଏ ଜିଭ। ପୁଣି ସତଟିକୁ ଉଗାଳିପକାଏ ସାଂଗେସାଂଗେ ।

.....ମିମିର ଏଇ ସୁଗୁଣ ପାଇଁ ତାକୁ ସଭିଏଁ ଭଲପାଇଲେ। ବାପା-ମାଆ,ସାଙ୍ଗସାଥି ଠୁ ଆରମ୍ଭ କରି ଗୁରୁ ଗୁରୁଜନ ଚିହ୍ନା ଅଚିହ୍ନା ସମସ୍ତେ। ସେ ଯେତେ ବଡ଼ ହୁଏ, ତାର ଏଇ ସତପ୍ରବଣତା ସେତେ ମଜବୁତ ହେଇଚାଲେ। ଜଗନ୍ନାଥଙ୍କ ମୁହଁ ଏଥର ଖୁବ ସୁନ୍ଦର ଦିଶେ ମିମିକୁ। ଠାକୁରେ ସତରେ ସତ ସତ ଲାଗନ୍ତି। ମିଛ ମହାପାପ କି ନୁହଁ , ଆଉ ପରଖିବା ତାର ଦରକାର ହୁଏନା।

- ଆହୁରି ବଡ଼ ହୁଏ ମିମି। ଏବେ ସେ ଅନେକକଥା ବୁଝିପାରିବା ଭଳି ବୟସରେ ।ବାହାହବାର ବୟସରେ। ବାହାଘର ଠିକ କରନ୍ତି ବାପା-ମାଆ। ପୁଅ ଘରୁ ଲୋକ ଆସନ୍ତି ମିମିକୁ ଦେଖିବାକୁ। ସେମାନେ ଯାହାଯାହା ପଚାରନ୍ତି,ସବୁ ସତ ସତ କହିଦିଏ ମିମି।... ମିଛ ଜମାରୁ ନୁହଁ। ପୁଅଘର ତାକୁ ଖୁବ ପସନ୍ଦ କରନ୍ତି। ବୋହୂ କରି ନେବେ ବୋଲି କଥା ଦିଅନ୍ତି। ନିର୍ବନ୍ଧ ପାଇଁ ଦିନ ବି ଧାର୍ଯ୍ୟ ହୁଏ। ଘରେ ସମସ୍ତଙ୍କ ମନ ଭାରି ଖୁସି।

- ମିମି ମନରେ ଦୁଃଖ। ସେ ସାହସ ବାନ୍ଧେ। ଘରେ ସମସ୍ତଙ୍କ ଆଗରେ ପାଟି ଖୋଲେ,'ସେ ଏ ବାହାଘରରେ ଆଦୌ ରାଜି ନୁହଁ।' ତା କଥାରେ ପ୍ରଥମ କରି କଷ୍ଟ ପାଆନ୍ତି ଘରଲୋକ। ତା ଅରାଜିର କାରଣ ଜାଣିବାକୁ ଚାହାନ୍ତି। ମିମି ସଫାସଫା ମୁହେଁ ମୁହେଁ କହିଦିଏ,ସେ ଅନ୍ୟ ଜଣେ ପୁଅକୁ ଖୁବ ଭଲପାଏ ଆଉ ତାକୁଇ ବାହା ହବାକୁ ଚାହେଁ। କାହିଁକିନା,ସେ ତାକୁ କଥା ଦେଇଛି,ତା'ଠେଇ ସତ୍ୟ କରିଛି। ବାସ,ସେଇ ପଦକ କଥା ହିଁ ଯଥେଷ୍ଟ ହେଇଯାଏ,ସମସ୍ତଂକଠେଇ ସେ ଅପ୍ରିୟ ହେଇଯିବାକୁ। ତା ପରଠୁ ତାକୁ ଆଉ କେହି ଭଲ ପାଆନ୍ତିନାହିଁ। ଏପରିକି ତା ବାପାମାଆ ବି।

- ସେ ଠାକୁର ଘରକୁ ଯାଏ। ଜଗନ୍ନାଥଙ୍କ ମୁହଁକୁ ଦେଖେ। ସବୁଦିନ ସତ ସତ ଲାଗୁଥିବାଠାକୁର ତାକୁ କେମିତି ଅଲଗା ଅଲଗା ଦିଶନ୍ତି। ମନେମନେ ପ୍ରଶ୍ନ କରେ ମିମି, 'ମୋର ଭୁଲ କଣ ଠାକୁରେ,ମୁଁ ତ ଟିକେ ବି ମିଛ କହିନାହିଁ?

ତୁଙ୍ଗୁରିପାଲି / ସୁବର୍ଣ୍ଣପୁର

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ସୃଜନୀ ପରିବାର,ଚେନ୍ନାଇ
ହରିଣ୍ଟୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଅବ୍ୟକ୍ତ ବେଦନା

ମୁରାରୀ ପ୍ରସାଦ୍ ପଶାଏତ୍

ହେ ପ୍ରଭୁ! "ତୁମରି ଇଚ୍ଛା ପୂର୍ଣ୍ଣହେଉ।" ଅନ୍ତର୍ବାହରେ ଜର୍ଜରିତ ହେମ ମାଷ୍ଟ୍ରଙ୍କ ମୁହଁରୁ ହଠାତ୍ ବାହାରିପଡିଲା ଏଇ ଦି'ପଦ କଥା। ନବାନ୍ନ ଭକ୍ଷଣ "ନୂଆଁଖାଇ" ର ଅଭୂଲା ମୁହୁର୍ତ୍ତ ।.... ଶରତର ଶୁଭ ଲଗ୍ନ ପୂର୍ବ ରାତ୍ରୁରୁ ଆସିଲେଣୀ ବାହାରେ ଚାକିରୀ କରୁଥିବା ପୁଅ ବୋହୁ ,ନାତିନାତୁଣୀ ସମସ୍ତେ। ଆଜି ଘରଟା ପତୁଛି-ଉଠୁଛି । ବୁଢା ହେମ ମାଷ୍ଟ୍ରେ ଆଜି ବେଶ୍ ପ୍ରଫୁଲ୍ଲିତ । କେତେବେଳେ ରାତି ଦଶଟା ବାଜିଗଲା ଜଣା ବି ପଡିଲାନି । ଆଠ ନାତିନାତୁଣୀ ଙ୍କ ମେଳରେ ହେମ ମାଷ୍ଟ୍ରେ ନିଜର ଜୀବନ ଯନ୍ତ୍ରଣାକୁ ଭୁଲିଯାଇଛନ୍ତି ।
..... ଏବେ ସେ ବହୁତ ଖୁସି।

କେତେବେଳେ ରାତି ପାହି ସକାଳ ହେଲା ।..... ମାଷ୍ଟ୍ରେ ଜାଣି ପାରିଲେନି । ନିତ୍ୟକର୍ମ ସାରି ଭାଗବତ ଅଧ୍ୟାୟେ ପଢି ଯେମିତି ପୂଜାଘରୁ ବହାରିଛନ୍ତି - ବଡବୋହୁ ଗୁଡ ଚା କପଟିଏ ଧରି କହୁଛି ବାପା! ବାପା! ଚା ନିଅ। ମାଷ୍ଟ୍ରେ ଆନନ୍ଦରେ ଗଦ୍ ଗଦ୍ ହୋଇ ଚା" ନେବା ସମୟରେ ପହଞ୍ଚିଯାଇଛନ୍ତି ପତିବ୍ରତା ମାଷ୍ଟ୍ରାଣୀ....ଚା କପ୍ ଟା ଛଡାଇ ନେଇ କହୁଛନ୍ତି.... ' ହଇହେ....ଖାଲିପେଟର ଚା'- ଔଷଧ ଖାଇନ ଯେ... ଆଗ ଔଷଧ ଖାଇନିଅ। ଆରେ..ହଁ ତ! ... ଭୁଲିଯାଇଥିଲି ହେ ... ବାସ୍ତବରେ ହେମ ମାଷ୍ଟ୍ରଙ୍କ ଟିକେ ' ସୁଗାର ' ଅଛି। ଏଣୁ ସେ ଖାଲି ପେଟରେ ଔଷଧ ଖାନ୍ତି ଆଉ କପେ ଗୁଡ ଚା ପିଅନ୍ତି ।

ମାଷ୍ଟ୍ରେ ଔଷଧ ଖାଇ ଚା' ପିଇଲେ। ବଡବୋହୁ ମାଁଙ୍କୁ ବି ଦେଲା। କଥାରେ କହନ୍ତି " ସୁଖର ସମୟ ଘୋଡାରେ ଚଢି ଦୌଡି ଦୌଡି ଯାଏ.. ଆଉ ଦୁଃଖର ସମୟ ହାତୀରେ ଚଢି ଝୁଲିଝୁଲି ଯାଏ"।..... ଦେଖୁ ଦେଖୁ ଦିନ ବାରଟା ବାଜିଲା ,ନାତି ନାତୁଣୀ ସହ ମାଷ୍ଟ୍ରେ ପୂଜାରେ ବସିଲେ । ବଡ ପୁଅ ବୋହୁ ପୂଜା ଆରମ୍ଭ କଲେ । ମାଁଙ୍କ ପୂଜା,ବୃନ୍ଦାବତୀଙ୍କ ପୂଜା,ଗୋ ମାତାଙ୍କ ପୂଜା ପରେ ନବାନ୍ନ ଲାଗିହେଲା । ସମସ୍ତେ ଏକତ୍ର ହେଲେ ନବାନ୍ନ ପାଇବାକୁ ,ମାଷ୍ଟ୍ରେ ନିଜ ବଡଭାଉଜଙ୍କୁ ଭୋଗଥାଳି ଧରେଇ କହିଲେ..ଭୋଗବାଣ୍ଟିବାକୁ ଭାବ ବିଭୋର ହେଇ ବଡମାଁ କହିଲେ"ହଁ ଏଇ ବର୍ଷ ପାଇଥାଅ...ଆର ବରଷର ଭରଷା ନାହିଁ । ପ୍ରସାଦ ବଣ୍ଟାହେଲା...ଏଥର ଭୋଜନ- ଗଣି ଗଣି ଛଅ ତିଅଣ ନ'ଭଜା ଖିରି ପୁରିର ଆସର । ..ଛ'ଜା'ଙ୍କ ଆଦର,ଆଠ ନାତି-ନାତୁଣୀଙ୍କ ସ୍ନେହ....ଧୋତି ଗାମୁଛାରେ ଛଅ ପୁଅ...ହେମ ମାଷ୍ଟ୍ରଙ୍କ ଆଖିରୁ ଝରି ଗଲା ଦି"ଟୋପା,ଆନନ୍ଦାଶ୍ରୁ। ଆଃ!କି ସୁନ୍ଦର ସତେ ହେମ ମାଷ୍ଟ୍ରଙ୍କ ପରିବାର..। ଯଥାର୍ଥରେ....

" ବୈକୁଣ୍ଠ ସମାନ ଆହା ଅଟେ ସେହି ଘର - ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର "

କେବେ ହେମ ମାଷ୍ଟ୍ରେ ଏ କଥା ବିଦ୍ୟାଳୟରେ ପିଲାଙ୍କୁ ପଢାଉ ଥିଲେ ...ଏବେ କିନ୍ତୁ ନିଜେ ଅନୁଭବ କରୁଛନ୍ତି ।

..... ରାତି ଗୋଟାଏ ଯାଏଁ....ଦୁଃଖ ସୁଖ,ହାନିଲାଭ, ତା'ପରେ ବିଶ୍ରାମ। ପୁଣି ସୂର୍ଯ୍ୟୋଦୟ,ସୁନେଲି କିରଣରେ ପୂର୍ବାକାଶ ସୁଶୋଭିତ। ବଡ ସାନ ଦି ପୁଅ ବୋହୁ ଆଜି ଫେରି ଯିବେ...ନିଜ କର୍ମାନୁଷ୍ଠାନ କୁ...ପେଟ ଚାଖଣ୍ଡକ ପାଇଁ...।
.....ଅଦମ୍ୟ ଧର୍ଯ୍ୟବାନ,କର୍ମବୀର ହେମ ମାଷ୍ଟ୍ରେ ଡାକ ପକାଇଲେ ....ବାବୁରେ ବସ୍ ଟାଇମ୍ ହେଲା ବାହାରିପଡ...।

ନାତିଟୋକା ଅଳିକରୁଛି...ନା ମୁଁ ଯିବିନି । ଜେଜେ ସାଙ୍ଗରେ ରହିବି । ନାତୁଣୀ ଜେଜେମା ସହିତ ଶୋଇଛି ଯେ ଉଠୁନି । ତାର ବି ମନ ନାହିଁ। ମାଷ୍ଟ୍ରେ କିନ୍ତୁ ତତ୍ପର....ବସ୍ ଛାଡିଦେଲେ ....???

ଫେରିଆସିଲେ ହେମ ମାଷ୍ଟ୍ରେ ସିଧା ପୂଜାଘରକୁ। ଆଖିଲୁହେ ଶୁଖିଯାଇଛି ମୁହଁଟା। ନାତି ଟୋକା କହୁଛି....ଜେଜେ ଆଜି ଆମେ ଯିବୁନି କାଲି ତ ଶନିବାର ଏକାଥରକେ ସୋମବାର ଯିବୁ । ଆଜି ବସ୍ ଆସିବନି ।
ଆଉ ସ୍କୁଲ୍ ?.... ହେମ ମାଷ୍ଟ୍ରେ ପଚାରିଲେ ନାତିକୁ ....
ନାତି କହିଲା .... ଆର୍ ଡି ସି ପରା ଛୁଟି ଘୋଷଣା କଲେ ।
ଆର୍ ଡି ସି କିଏ ?.... ପୁଣି ପଚାରିଲେ ନାତିକୁ ହେମ ମାଷ୍ଟ୍ରେ...
କେ ଜାଣେ ?..... ନାତି ଏହା କହି ସେଠାରୁ ଦଉଡି ଚାଲିଗଲା ବାରିପଟ ବଗିଚାକୁ ....
.... ସଂଜ୍ଞାହୀନ ହସଟେ ଖେଳିଗଲା ହେମମାଷ୍ଟ୍ରେ ଙ୍କ ବଦନରେ । ନାତିନାତୁଣୀ ପୁଅବୋହୁଙ୍କ ବିରହର ଅବ୍ୟକ୍ତ ବେଦନାରେ ଅତିଷ୍ଠ ଥିବା, ହେମ ମାଷ୍ଟ୍ରଙ୍କ ପାଟିରୁ ହଠାତ୍ ବାହାରି ପଡିଲା "ହେ ପ୍ରଭୁ ତୋରି ଇଚ୍ଛା ପୂର୍ଣ୍ଣ ହେଉ" ।

ଝାରସୁଗୁଡା/ ମୋ: ୮୬୫୮୨୧୮୮୧୫

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ସୃଜନୀ ପରିବାର,ଚେନ୍ନାଇ
ହରିଣ୍ଟୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଅନୁତାପର ଅଶ୍ରୁ

ପ୍ରଭାତ କୁମାର ନାୟକ

ବିଳମ୍ବ ହେବା କାରଣରୁ ବିଭୂତି ବାବୁ ଖୁବ୍ ବ୍ୟସ୍ତ ବିବ୍ରତ ହୋଇ ଅଫିସ୍ ବାହାରୁଥାନ୍ତି , ଠିକ୍ ଏହି ସମୟରେ ଟେବୁଲ ଉପରୁ ଫୋନ୍ ବାଜି ଉଠିଲା । ବିରକ୍ତ ଭରା ସ୍ୱରରେ କହି ଉଠିଲେ – " ଏହି ସମୟରେ କାହାକୁ ଫୋନ୍ କରିବାର ଥିଲା " ... ଫୋନ୍ ଆଡକୁ ଆଖି ପକାଇ ଦେଖନ୍ତି ବୋଉର ଫୋନ ,ଆରେ ଏ ସମୟରେ ବୋଉ ତ କେବେ ଫୋନ୍ କରେନି ..ଏମିତି ଭାବି ଭାବି ଫୋନ୍ ଉଠାଇଲେ ବିଭୂତି ବାବୁ । - ହଁ .. କଣ ହେଲା ବୋଉ ଏ ଅବେଳରେ ଫୋନ କରିଛୁ ଯେ .. - ସୀତା ଦେବୀ ରୁଦ୍ଧ ଗଳାରେ କହିଲେ - ନା ରେ ସେମିତି କିଛି ନାହିଁ ..ମୋତେ ଟିକେ ଭଲ ଲାଗିଲାନି ତ ..ତୋ ସହ ଟିକେ କଥା ହେବାକୁ ଭାରି ଇଚ୍ଛା ହେଲା । - ମୁଁ ଜାଣିଛି ତୁ ବ୍ୟସ୍ତ ଥିବୁ , ତୁ ଭଲ ଅଛୁ ତ ? ପିଲାମାନେ ଭଲ ଅଛନ୍ତି ତ ? .....
ଏମିତି ଦୁଇ ପଦ ପଚାରି ଫୋନ୍ ରଖି ଦେଲେ ସୀତା ଦେବୀ ..।

ଫୋନ୍ ସିନା ରଖିଦେଇ ବିଭୂତି ବାବୁ ଅଫିସ୍ ଚାଲିଗଲେ , ହେଲେ ତାଙ୍କ ମନଟା କାହିଁକି ବୁଝୁ ନଥାଏ । ବୋଉର ଅବେଳରେ ଫୋନ୍ ...ଦରଦ ଭରା ସ୍ୱର ତାଙ୍କୁ ଯେମିତି ଅସ୍ତ ବ୍ୟସ୍ତ କରୁଥାଏ । ଅଫିସ୍ ଫାଇଲରେ ସେ ଯେମିତି ବିଗତ ଦିନର ମାନଚିତ୍ର ସବୁ ଜଳଜଳ ହୋଇ ଦେଖୁଥାନ୍ତି ...

ପିଲାଟି ବେଳୁ ବାପାଙ୍କୁ ହରେଇବାର ଦୃଶ୍ୟ ...ବୈଧବ ଯନ୍ତ୍ରଣାରେ ଜଳି ସଂସାର ଯାକର ସବୁ ଦୁଃଖ ପିଇ ବୋଉ କେମିତି ବାପାଙ୍କ କର୍ତ୍ତବ୍ୟ ଓ ମାଆର ମମତାକୁ ଏକାବେଳେ ବାଣ୍ଟି ଚାଲୁଥିବାର ଦୃଶ୍ୟ..। ଆମକୁ ମଣିଷ କରିବା ପାଇଁ ଅନେକ ବାର ଭୋକ ଉପାସରେ ରହି ଲୁହ-ଲହୁ ଝରାଇ ବୋଉ ବାନ୍ଧୁଥାଏ ଅଣ୍ଟା । ଜୀବନର ଅନେକ ଅଗ୍ନି ପରୀକ୍ଷା ଯେମିତି ପାଣିର ଗାର ପରି ମିଳେଇ ଯାଉଥାଏ ତା ଆଗରେ । ଦୁଃଖ ବି ବେଳେବେଳେ ଦୁଃଖୀ ହୋଇ ମୁଣ୍ଡ ନୁଆଁଏ ବୋଉ ପାଦ ତଳେ । ଏମିତି ଅନେକ କଥା ଭାସି ଯାଉଥାଏ ବିଭୂତି ବାବୁଙ୍କ ଆଖି ଆଗରେ ...।

ଏହା ଭିତରେ ସେ ଭାବୁଥାନ୍ତି ଶୀଘ୍ର ଅଫିସ୍ ରୁ ଫେରି ବୋଉ ସହ ଟିକେ ଭଲରେ କଥା ହେବେ .. - ହେଲେ ଅଫିସରୁ ସେଦିନ ବହୁ ବିଳମ୍ବରେ ଫେରିଥିଲେ ବିଭୂତି ବାବୁ । ରାତି ଅଧିକ ହେବା କାରଣରୁ ତହିଁ ପରଦିନ କଥା ହେବେ ବୋଲି ଭାବି ଶୋଇବାକୁ ଗଲେ ବିଭୂତି ବାବୁ ...।

ଟିଭି ଓ ଖବର କାଗଜରେ ଦେଖାଉଥିବା ବାତ୍ୟାର ସତର୍କ ଘଣ୍ଟି ସେଦିନ ରାତିରୁ କିନ୍ତୁ ଆରମ୍ଭ ହୋଇଯାଇଥିଲା । ସକାଳୁ ଦେଖନ୍ତି ତ ଚାରିଆଡେ ଘୋ ଘୋ ଶବ୍ଦରେ କମ୍ପୁଛି ସହର । ରାସ୍ତାରେ ଗଛ ପତ୍ର ପଡି ଗମନାଗମନ ଏକଦାମ ବନ୍ଦ ,ଫୋନ୍ ରେ ନେଟୱର୍କ ଆସୁନଥାଏ..ଦୁଇ ଦିନ ପରେ "ଫୋନି"ର ପ୍ରଭାବ କମିଲା । ହେଲେ ବିଭୂତି ବାବୁଙ୍କ ମନ ଯାଇ ବୋଉ ପାଖରେ ।
- - ଠିକ୍ ଏତିକି ବେଳେ ଫୋନ ଆସିଲା ..ବୋଉ ଆଉ ନାହାନ୍ତି ବୋଲି ..। ଏ କଥା ଶୁଣିବା ପରେ ବିଭୂତି ବାବୁଙ୍କ ପାଦ ତଳର ପୃଥିବୀ ଯେମିତି ଖଣ୍ଡ-ଖଣ୍ଡ ହୋଇ ଖସି ଯିବା ସହ ଫୋନି ଠୁଁ ବି ଆହୁରି ପ୍ରବଳ ଝଡ଼ ତାଙ୍କ ତାଙ୍କ ମନରେ ବହିବାକୁ ଲାଗୁଥିଲା...। ଦୁଃଖ ଛାତିରେ ଚାପି ରଖି ଗାଁକୁ ଯିବା ପାଇଁ ପିଲାଙ୍କୁ ଧରି ବାହାରିଲେ ବିଭୂତି ବାବୁ । ଗାଡ଼ିର ଝରକା ପାଖ ସିଟ୍ ରେ ବସିଥାନ୍ତି ବିଭୂତି ବାବୁ ,ଆଖିରୁ ତାଙ୍କ ଅନୁତାପର ଅଶ୍ରୁ ଧାର ବହିଚାଲିଥାଏ । ମନରେ ଅନେକ କଥା ଅନେକ ବ୍ୟଥା ଆହୁଟି ହେଉଥାଏ ଏବଂ ନିଜକୁ ନିଜେ କହୁଥାନ୍ତି ବିଭୂତି ବାବୁ - ଜୀବନ ଯାକ ଜଳି ଯେ ଆଲୋକ ଦେଇଥିଲା , ସଂସାରର ସବୁ ଦୁଃଖ ପିଇ ଯେ ଆମ ଓଠରେ ଖୁସି ଭରିଥିଲା ,ତା ପାଇଁ ମୁଁ କିଛି ବି କରିପାରିଲି ନାହିଁ ...ବରଂ ନିଜ ନିଜ ସ୍ୱାର୍ଥ ପାଇଁ ମାଆକୁ ଗାଁରେ ଛାଡି ସହରରେ ଚାଲିଆସିଲୁ .. ଅନ୍ତିମ କ୍ଷଣରେ ଟୋପେ ପାଣି ବି ଦେଇ ପାରିଲି ନାହିଁ ତା ତୁଣ୍ଡରେ । ଏମିତି ଅନେକ କଥା ଭାବି ଦୁଇ ଆଖିରୁ ଲୁହ ଗଡ଼ାଉଥାନ୍ତି ବିଭୂତି ବାବୁ..... ବୋଉ ଲୋ ତୁ ସିନା ଦୁଃଖ ସହିବାର କଳା ଜାଣିଥିଲୁ , ହେଲେ ତୋ ପଣତ ତଳେ ମୁଁ ତ ସ୍ୱର୍ଗ ସୁଖ ପାଇଥିଲି । ଆଜିଯାଏ କେବେ ବି କୌଣସି ଦୁଃଖ କୁ ସାମ୍ନା କରିବାକୁ ଦେଇ ନଥିଲୁ ତୁ ...।

-ଏହା ଭିତରେ ବିଭୁତି ବାବୁଙ୍କ କାର୍ ଗାଁ ଘର ଦୁଆର ମୁହଁରେ ପହଞ୍ଚିଥିଲା । ବିଭୂତି ବାବୁ କାର୍ ରୁ ଓହ୍ଲାଇ ଦେଖୁଛନ୍ତି ମମତାର ଦୀପ ଲିଭିଗଲା ପରେ କେମିତି ଦିନ ଦିପହରେ ଘରଟା ଭିତର କିଟ୍ ମିଟ୍ ଅନ୍ଧାରରେ ଭରିଯାଇଛି... ।
ଚାରି ଆଡ଼େ ଖାଁ ଖାଁ ଶବ୍ଦରେ ଘର ଯେମିତି ମଶାଣି ପରି ଲାଗୁଛି..... ।

- ବିଭୂତି ବାବୁ ଦୁଃଖରେ ନିଜେ ନିଜକୁ ଅଣନିଶ୍ୱାସୀ ଅନୁଭବ କରୁଥାନ୍ତି - ଯେମିତି ତାଙ୍କୁ ଲାଗୁଥାଏ ଦୁଃଖ ସାଗରରେ ରାହା ନ ପାଇ ବୁଡି ଯାଉଛନ୍ତି.....।

ମଧୁପୁର , ଭଦ୍ରକ, ଓଡ଼ିଶା

ଗପ ଟିଏ... ଜହ୍ନମାମୁଁ ପୃଷ୍ଠାରୁ

ସାବତ ମା

ମହେନ୍ଦ୍ର ବର୍ମା ଜଣେ ବିଶିଷ୍ଟ ନାଟ୍ୟକାର ରୂପେ ବେଶ୍ ଖ୍ୟାତି ଲାଭ କରିଥାନ୍ତି । ତାଙ୍କର ଅସାମାନ୍ୟ ପ୍ରତିଭା ଯୋଗୁଁ ସେ ଦିନେ ରାଜସଭାରେ ଅଭିନନ୍ଦିତ ହେଲେ । ଯେଉଁ ନାଟକ ଯୋଗୁଁ ସେ ଏ ସମ୍ମାନ ପାଇଲେ, ସେ ନାଟକର ବିଷୟବସ୍ତୁ ଅତ୍ୟନ୍ତ ବିଷାଦମୟ; ଜଣେ ଭଲ ପିଲା କିପରି ତା' ବିମାତାର ବିଷ ଦୃଷ୍ଟିରେ ପଡି ସବୁ କ୍ଷେତ୍ରରେ ଅପମାନ ଓ ପରାଭବ ପାଇଛି ।

କିନ୍ତୁ ମହେନ୍ଦ୍ର ବର୍ମା ନିଜେ ଶିଶୁ କାଳରେ ନିଜ ଜନନୀଙ୍କୁ ହରାଇ ବିମାତାଙ୍କ ଦ୍ୱାରା ପ୍ରତି ପାଳିତ ହୋଇଥିଲେ । ସେଦିନ ଅଭିନନ୍ଦନ ଉତ୍ସବ ପରେ ସେ ତାଙ୍କ ଘରକୁ ଫେରିଆସି ତାଙ୍କ ବିମାତାଙ୍କୁ ଜୁହାର କରନ୍ତେ ବିମାତା ତାଙ୍କୁ ପଚାରିଲେ, "ପୁଅ! ତୋ ନାଟକରେ କୁଆଡେ ବିମାତା ଯୋଗୁଁ ଜଣେ ପୁଅ ଯେ କେଡେ ଦୁର୍ଦ୍ଦଶା ଭୋଗେ, ତାହାହିଁ ଚିତ୍ରିତ ହୋଇଛି । ତୁ ଏପରି କଥା ଲେଖିବା ଫଳରେ ଲୋକେ ମୋତେ ଆଉ ଭୁଲ୍ ବୁଝିବେ ନାହିଁ ତ?" ତାଙ୍କ କଥା ଶୁଣି ମହେନ୍ଦ୍ର ବର୍ମା କହିଲେ, "ମା! ସଙ୍ଗେସଙ୍ଗେ ମୋ ସାଫଲ୍ୟ ଓ ସୌଭାଗ୍ୟ ଦେଖି ଲୋକେ ଏକଥା ବି ବୁଝିବେ ଯେ ସବୁ ବିମାତା ଏକା ପ୍ରକାର ନୁହଁନ୍ତି । ବିମାତାଙ୍କ ଭିତରେ ମହୀୟସୀ ମାତା ବି ଅଛନ୍ତି – ଯେଉଁମାନଙ୍କ ଆଶୀର୍ବାଦରେ ପୁଅ ଏପରି ଯଶସ୍ୱୀ ମଧ୍ୟ ହୋଇପାରେ ।" ଏହାପରେ ବିମାତା ମହେନ୍ଦ୍ର ବର୍ମାଙ୍କୁ ଅନେକ ଆଶୀର୍ବାଦ କଲେ ।

ସତ୍ୟ ଅସତ୍ୟ

ଥରେ ପ୍ରହରୀମାନେ ଜଣେ ବିଦେଶୀକୁ ଆଣି ତାକୁ ରାଜାଙ୍କ ଆଗରେ ହାଜର୍ କଲେ । ସେ ଚୋରି କରିଥିଲା । ସେ ଯୁଗର ନିୟମ ଅନୁସାରେ ରାଜା କହିଲେ, " ତାକୁ ପ୍ରାଣଦଣ୍ଡ ଦିଆଗଲା" ।ଲୋକଟି କିଛି କହିବାର ଶୁଣାଗଲା । କିନ୍ତୁ ତା' ଭାଷା ରାଜା ତ ଆଉ ଜାଣି ନଥିଲେ । ଏଣୁ ସେ ତାଙ୍କ ମନ୍ତ୍ରୀଙ୍କୁ ପଚାରିଲେ, "ସେ କ'ଣ କହୁଛି ଜାଣ"?

- ତହୁଁ ମନ୍ତ୍ରୀ କହିଲେ, "ହଁ ମହାରାଜ । ସେ କହୁଛି ଯେ, ମୁଁ ଜଣେ ବିଦେଶୀ । ଏ ରାଜ୍ୟର ନୀତି ନିୟମ ମୁଁ କିଛି ବି ଜାଣେ ନା । ଧର୍ମପ୍ରାଣ ରାଜା ମୋତେ ଲଘୁ-ଦଣ୍ଡ ଦେଇ ଛାଡିଦେବେ ।"

-ରାଜା କହିଲେ "ତା'ହେଲେ ବେଶ୍, ଲୋକଟିକୁ ସତର୍କ ବାଣୀ ଶୁଣାଇ ଛାଡିଦିଅ ।"

ହଠାତ୍ ଜଣେ ଅମାତ୍ୟ କହିଲେ, "ମହାରାଜ! ମୁଁ ସେ ଭାଷାରେ ପଣ୍ଡିତ । ଲୋକଟି ସେଇଆ କହୁନାହିଁ । ପ୍ରକୃତରେ ସେ ଆପଣଙ୍କୁ ଗାଳି ଦେଉଛି " ।

ସେ କଥା ଶୁଣି ରାଜା ହସିଲେ ଓ କହିଲେ, "ବାବୁ, ମୁଁ ତ ପ୍ରଥମରୁ ହିଁ ଜାଣିଥିଲି ଯେ ମନ୍ତ୍ରୀ ମିଛ କହୁଛନ୍ତି । କିନ୍ତୁ ଜଣଙ୍କର ପ୍ରାଣ ବଞ୍ଚାଇବା ହେଉଛି ତାଙ୍କ ମିଛ କହିବାର ଉଦ୍ଦେଶ୍ୟ । ତମେ ସତ କହୁଛ । ହେଲେ ତମ ସତର ଉଦ୍ଦେଶ୍ୟ ଜଣକୁ ମୃତ୍ୟୁଦଣ୍ଡ ଦେବା । ଅତଏବ ମୁଁ ଏଠାରେ କେବଳ ମନ୍ତ୍ରୀଙ୍କ ବ୍ୟାଖ୍ୟାକୁ ହିଁ ଗ୍ରହଣ କଲି ।"